# ଯୀଶୁ ଖ୍ରୀଷ୍ଟଙ୍କଠାରେ ନୂତନ ବିଶ୍ୱାସୀମାନଙ୍କର ବିଶ୍ୱାସର ମୂଳଦୁଆ

ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟ ହେଉଅଛନ୍ତି,
ସେମାନଙ୍କ ନିମନ୍ତେ ଶିକ୍ଷା ପୁସ୍ତିକା

ପୁଣି, ଯୀଶୁ ସେମାନଙ୍କ ନିକଟକୁ ଆସି ଆଳାପ କରି କହିଲେ, ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହି ସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର । ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।
(ମାଥିଉ - ୨୮:୧୮-୨୦)

ଭାଗ-ଏକ
(Volume - One)
ଖ୍ରୀଷ୍ଟିୟାନ ବୃଦ୍ଧିପ୍ରାପ୍ତ ହେବା ଅନୁକ୍ରମ

ଲେଖିକା : ଜାନିସ ଉଡ୍ରମ
ଅନୁବାଦ : ଧନୀରାମ ତାଣ୍ଡି

# Foundations of Faith For New Believers In JESUS CHRIST

**An Instruction Manual**
**For Those Who Are**
**Becoming Disciples of Jesus Christ**

Then Jesus came to them and said, "All authority in heaven and earth has been given to me. Therefore go and make disciples of all nations, baptizing them in the name of the Father and of the Son and of the Holy Spirit, and teaching them to obey everything I have commanded you. And surely I am with you always to the very end of the age."
Matthew 28:18-20

**Volume : One**
**Christian Growth Series**

By Janice Woodrum

ORIGINAL BOOK TITLE :

"Foundations of Faith for New Believers in Jesus Christ."
By : Janice Woodrum

Jesu Christanka Thare Nutana Biswasimanankara Biswasara Muladua (Oriya)
Translated By : Dhaniram Tandi

ସମସ୍ତ ଶାସ୍ତ୍ରପାଠ ପବିତ୍ର ବାଇବଲ New International Version ରୁ ଉଦ୍ଧୃତ ।

ପ୍ରକାଶକ :
ହାର୍ଭେଷ୍ଟ ଅଫ୍ ଜୁବଲୀ ଗ୍ରୁପ୍ସ, ଇଣ୍ଟରନେସ୍ନାଲ
(Harvest of Jubilee groups International)

ପ୍ରଥମ ମୁଦ୍ରଣ : ଫେବୃୟାରୀ ୧୯୯୮
ଦ୍ୱିତୀୟ ମୁଦ୍ରଣ : ସେପ୍ଟେମ୍ବର ୧୯୯୮
ପ୍ରଥମ ଓଡ଼ିଆ ମୁଦ୍ରଣ : ୨୦୧୦ (୧୦୦୦ ଖଣ୍ଡ)
First Oriya Print : 2010 (1000 Copies)

# ସୂଚୀପତ୍ର


ଉପକ୍ରମ

ପାଠ-୧ ପରିତ୍ରାଣର ନିଶ୍ଚିତତା

ପାଠ-୨ ପାପ କ୍ଷମାର ନିଶ୍ଚିତତା

ପାଠ-୩ ଈଶ୍ୱରଙ୍କର ପ୍ରେମର ନିଶ୍ଚିତତା

ପାଠ-୪ ପ୍ରାର୍ଥନାର ଉତ୍ତର ମିଳିବା ନିଶ୍ଚିତତା

ପାଠ-୫ ଈଶ୍ୱରଙ୍କ ବାକ୍ୟ ବାଇବଲ ଆମ୍ଭେମାନେ ଅଧ୍ୟୟନ କରିବା ଆବଶ୍ୟକ

ପାଠ-୬ ମଣ୍ଡଳୀ ଜୀବନ

# ଉପକ୍ରମ

ଏହି ପୁସ୍ତକଟି ବାଇବଲରେ ବର୍ଣ୍ଣିତ ନାଜରିତିୟ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ପରିତ୍ରାଣର ଅନୁଭବ ସମ୍ବନ୍ଧିୟ ଏକ ଦୃଢ଼ ମୂଳଦୁଆର ଶିକ୍ଷା ଅଟେ ଏବଂ ଯୀଶୁ ଖ୍ରୀଷ୍ଟଙ୍କର ଏକ ଶିଷ୍ୟ ଭାବରେ ଜୀବନଯାପନ କରିବାର ପ୍ରାରମ୍ଭିକ ଆବଶ୍ୟକୀୟ ଉପାଦାନ ଅଟେ ।

ଆପଣ ପାଠ ଏକ ଅଧ୍ୟୟନ କରିବା ପୂର୍ବରୁ ଏହି ପୁସ୍ତିକାର ପଛ ଭାଗରେ ବର୍ଣ୍ଣିତ । ‘‘ମନୁଷ୍ୟ ପୁତ୍ର କିଏ ବୋଲି ଲୋକେ କ'ଣ କହନ୍ତି ? ଅଧ୍ୟାୟଟି ପାଠ କରିବାର ଆବଶ୍ୟକ ଏହି ଅଂଶରେ ଯୀଶୁଖ୍ରୀଷ୍ଟ କିଏ ଅଟନ୍ତି ଏହା ପ୍ରାଞ୍ଜଳ ଭାବରେ ବୁଝିବା ନିମନ୍ତେ ଅଧ୍ୟୟନ କରନ୍ତୁ ଏବଂ ତାହାଙ୍କର ଏକ ଶିଷ୍ୟ ହେବା ନିମନ୍ତେ ନିଜ ମନୋନୟନ ସ୍ଥିର କରନ୍ତୁ ।

ଆପଣ ପାଠ ଏକ ଅଧ୍ୟୟନ କରୁଥିବା ଅବସ୍ଥାରେ ପ୍ରାର୍ଥନା କରନ୍ତୁ ଏବଂ ଆପଣ ଅଧ୍ୟୟନ କରୁଥିବା ଶାସ୍ତ୍ରାଂଶଗୁଡିକ ଆପଣଙ୍କୁ ସତ୍ୟତାରେ କଢାଇ ନେବା ନିମନ୍ତେ ପବିତ୍ର ଆତ୍ମାଙ୍କୁ ମାଗନ୍ତୁ । ସମସ୍ତ ଶାସ୍ତ୍ରାଂଶ (N.I.V.) (ନୂତନ ଅନ୍ତର୍ଜାତୀକ ତର୍ଜମା)ରୁ ଉଦ୍ଧୃତ ଅଟେ । ଯଦି ଆପଣଙ୍କ ପାଖରେ ଗୋଟିଏ ବାଇବଲ ଅଛି, ଆପଣ ପ୍ରତିଟି ବାଇବଲର ପଦକୁ ଦେଖିବା ନିମନ୍ତେ ଉତ୍ସାହ କରୁଅଛୁ, ଚିହ୍ନଟ କରନ୍ତୁ ଏବଂ ବାକ୍ୟତଳେ ରେଖାଙ୍କିତ କରନ୍ତୁ । ଯେପରି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସହ ବିଶ୍ୱାସ ଓ ସହଭାଗିତାରେ ବୃଦ୍ଧିଲାଭ କରି ନିରନ୍ତର ଲାଗିରହିବେ । ଏହି ପୁସ୍ତକ ଅଧ୍ୟୟନ କରୁଥିବା ସମୟରେ ଆମ୍ଭେ ଆପଣଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ ‘‘ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି ଯେଉଁ କାର୍ଯ୍ୟକାରୀର ଲଜ୍ୟାବୋଧ କରିବା ଆବଶ୍ୟକ ନୁହେଁ । ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର (୨ୟ ତିମଥି - ୨:୨୫) ।

ପବିତ୍ର ଧର୍ମଶାସ୍ତ୍ରର ସତ୍ୟତାରେ ମନୁଷ୍ୟମାନଙ୍କର ପରମ୍ପରା ଆପଣଙ୍କ ବିଶ୍ୱାସ ଉପରେ ପର୍ଯ୍ୟବେଶିତ ନ ହୋଇ ଖ୍ରୀଷ୍ଟିୟ ଅନୁଭବ ଉପରେ ଆଧାରିତ ହେଉ ।

**ବାଇବଲ ଅଧ୍ୟୟନ : ମୂଳଦୁଆ ଅନୁକ୍ରମ**

ମୂଳ ଦୁଆ ପର୍ଯ୍ୟାୟ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ଓ ତାଙ୍କର ଅନୁଗାମୀ ହେବାକୁ ନିର୍ଣ୍ଣୟ ନେବା ସମୟରେ ବାଇବଲରୁ କିଛି ଭିତ୍ତିମୂଳକ ଶିକ୍ଷା ଗ୍ରହଣ କରିବା ଅନିବାର୍ଯ୍ୟ ଅଟେ । ଯେପରି ତୁମେ ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ଆରମ୍ଭକର । ମୂଳଦୁଆ ପର୍ଯ୍ୟାୟଟି ବାଇବଲ ଅଧ୍ୟୟନର ଏକ ସେଟ୍ ଅଟେ, ଯାହାକି ଖ୍ରୀଷ୍ଟଙ୍କ ଠାରେ ଥିବା ନୂତନ ଜୀବନର ଗୁରୁତ୍ୱ ବୁଝିବାରେ ସାହାଯ୍ୟ କରିବ ଏବଂ ଯେଉଁସବୁ ବିଷୟ ଈଶ୍ୱରଙ୍କ ସନ୍ତୁଷ୍ଟ ଭାଜନ ତାହାକୁ ଅନ୍ତରଙ୍ଗ ଭାବରେ ଜାଣିବା ଦ୍ୱାରା ସମ୍ଭବ ଅଟେ ।

# ପାଠ-୧

# ପରିତ୍ରାଣର ନିଶ୍ଚିତତା

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବାର ପ୍ରାର୍ଥନା ଯଦି କରିଅଛନ୍ତି ତା'ହେଲେ ଆପଣ ପାପ ଆଉ ପାପମୟ ଗୁଣର ଦଣ୍ଡରୁ ରକ୍ଷା ପ୍ରାପ୍ତ ଅଟନ୍ତି । ପାପମୟଗୁଣ ଅର୍ଥାତ୍ ''ସଦା ପ୍ରଭୁଙ୍କଠାରୁ ଅନନ୍ତ କାଳିନ ପୃଥକ ହେବା ଏକ ଦୁର୍ଦ୍ଦଶାମୟ ସ୍ଥାନରେ ଦଣ୍ଡଭୋଗ କରିବା । ଯୀଶୁଖ୍ରୀଷ୍ଟଙ୍କ ସହଭାଗିତାରେ ଏକ ନୂତନ ଜୀବନ ଲାଭ କରିଅଛନ୍ତି ଏବଂ ଆପଣ ସ୍ୱର୍ଗରେ ଅନନ୍ତ ଜୀବନ ଲାଭ କରିବା ପାଇଁ ପ୍ରତିଜ୍ଞା ପାଇଅଛନ୍ତି ।

**ପ୍ରଶ୍ନ-୧, ରୋମୀୟ ୬:୨୩ ପଢନ୍ତୁ**

''କାରଣ ପାପର ବେତନ ମୃତ୍ୟୁ କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।

**କେଉଁ ଉକ୍ତିଟି ସତ୍ୟ ?**

____________________ ମୁଁ ଉତ୍ତମ ବ୍ୟକ୍ତି ଏବଂ ଉତ୍ତମ କାର୍ଯ୍ୟ କହିବା ଦ୍ୱାରା ମୋ ନିମନ୍ତେ ପରିତ୍ରାଣ ଓ ଅନନ୍ତ ଜୀବନ ଉପାର୍ଜନ କରିପାରେ ।

____________________ ମୁଁ ଯେତେବେଳେ ବିଶ୍ୱାସ ସହିତ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁ ଓ ମୋହର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରି, ମୋହର ପାପରୁ ଦଣ୍ଡ ସ୍ୱରୂପେ ମୃତ୍ୟୁ ଭୋଗକରି ପୁନଃରୁତ୍ଥିତ ହେଲେ । ଅନନ୍ତ ଜୀବନ, ତାହାଙ୍କର, ମୋ ନିମନ୍ତେ ବିନା ମୂଲ୍ୟର ଦାନ ଅଟେ । ଏହା ପ୍ରାପ୍ତ ନିମନ୍ତେ ମୁଁ କୌଣସି କାର୍ଯ୍ୟ କରି ନ ପାରେ ।

**ପ୍ରଶ୍ନ-୨, କଲସିୟ ୧:୧୩-୧୪ ପଢନ୍ତୁ**

ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି, ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି, ଅର୍ଥାତ୍ ପାପ କ୍ଷମା ପାଇଅଛୁ ।

- ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କଲେ କେଉଁ ଦୁଇଟି ବିଷୟ ପାଇଥାଉଁ ?

  ଉତ୍ତର - କଲସୀୟ - ୧:୧୩-୧୪ ପଦରେ ଅଛି ।

୧. [illegible] ________

୨. ________

**୧ମ ତିମଥି ୬:୧୩-୧୬ ପଢନ୍ତୁ**

ସମସ୍ତଙ୍କ ଜୀବନଦାତା ଈଶ୍ୱରଙ୍କ ସାକ୍ଷାତରେ, ପୁଣି ପନ୍ତିୟ ପୀଲାତଙ୍କ ସମ୍ମୁଖରେ ଉତ୍ତମ ସାକ୍ଷ୍ୟଦାତା ଖ୍ରୀଷ୍ଟ ଯୀଶୁଙ୍କ ସାକ୍ଷାତରେ ମୁଁ ତୁମ୍ଭକୁ ଆଦେଶ ଦେଉଅଛି । ତୁମ୍ଭେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ଧର୍ମବିଧି ପାଳନକରି ନିଷ୍କଳଙ୍କ ଓ ଅନିନ୍ଦନୀୟ ହୋଇ ରୁହ । ଯେ ପରମଧନ୍ୟ ଏକମାତ୍ର ସମ୍ରାଟ, ଯେ ରାଜାମାନଙ୍କର ରାଜା ଓ ପ୍ରଭୁମାନଙ୍କର ପ୍ରଭୁ । ଯେ ଏକମାତ୍ର ଅମର ଓ ଅଗମ୍ୟ ଜ୍ୟୋତିର୍ନିବାସୀ, ଯାହାଙ୍କୁ କୌଣସି ମର୍ତ୍ତ୍ୟ କେବେ ଦେଖିନାହିଁ ବା ଦେଖିପାରେ ନାହିଁ, ସେ ଉପଯୁକ୍ତ ସମୟରେ ତାହା ଦର୍ଶାଇବେ, ଅନନ୍ତକାଳ ପର୍ଯ୍ୟନ୍ତ ତାହାଙ୍କ ସମ୍ଭ୍ରମ ଓ ପରାକ୍ରମ ପ୍ରକାଶିତ ହେଉ । ଆମେନ୍ ।

- ଏହି ରାଜ୍ୟରେ ରାଜା କିଏ ________ ?

**ପ୍ରଶ୍ନ-୩, ଯୋହନ ୧:୧୨ ପଢନ୍ତୁ**

ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ,

- ତୁମ୍ଭେ କେଉଁ ପ୍ରକାର ଭାବରେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ଈଶ୍ୱରଙ୍କର ସନ୍ତାନ ହେଲ ଏବଂ ତାହାଙ୍କର ପାପ କ୍ଷମା ଓ ଅନନ୍ତ ଜୀବନ ଅନୁଭବ କରିଅଛନ୍ତି ?
- ସ୍ତର-୧ ଯୀଶୁଖ୍ରୀଷ୍ଟ ତୁମର ପାପ ନିମନ୍ତେ ମୃତ୍ୟୁ ହେବା ଦ୍ୱାରା ________ ଲାଭ କରିଅଛ ।

  ସ୍ତର-୨ ________ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କୁ ତୁମ୍ଭେ ଆପଣା ହୃଦୟରେ ଓ ଜୀବନରେ ପ୍ରଭୁ ଓ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କର ।

**ପ୍ରଶ୍ନ-୪**

କିଛି କ୍ଷଣ ଚିନ୍ତା କରି ପ୍ରାର୍ଥନା କରନ୍ତୁ । ଯଦି ତୁମ୍ଭେ ଏହା ପୂର୍ବରୁ କରି ସାରିଛ, ତା'ହେଲେ କେବେ, କେଉଁଠାରେ ଓ କିପରି ଭାବରେ ଯୀଶୁଙ୍କୁ ଗ୍ରହଣ କରିଅଛ । ଏହି ଅନୁଭବ ସମ୍ବନ୍ଧରେ ବ୍ୟକ୍ତିଗତ କିଛି ବାକ୍ୟ ଲେଖନ୍ତୁ ।

________

________

________

**ପ୍ରଶ୍ନ-୫, ପ୍ରେରିତ ୩:୧୯ ପଢନ୍ତୁ**

ଅତଏବ, ଯେପରି ଆପଣମାନଙ୍କର ପାପମୋଚନ ହୋଇପାରେ, ଏଥିନିମନ୍ତେ ମନ ପରିବର୍ତ୍ତନ କରି ଫେରି ଆସନ୍ତୁ,

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ପରିତ୍ରାଣ ଓ ପାପ କ୍ଷମା ପାଇବା ନିମନ୍ତେ ଆମ୍ଭେମାନେ ______________________ କିମ୍ବା ପାପରୁ ଫେରି ଆସିବାକୁ ହେବ । ମନ ପରିବର୍ତ୍ତନ କରିବାର ଅର୍ଥ ପାପ ନିମନ୍ତେ ଦୁଃଖ ପ୍ରକାଶ କରିବା ଏବଂ ସ୍ୱଇଚ୍ଛାରେ ପାପ ପଥ ତ୍ୟାଗ କରିବା ।

**ଫିଲିପ୍ପୀୟ ୨:୧୨-୧୩**

ଅତଏବ, ହେ ମୋହର ପ୍ରିୟମାନେ, ଯେପରି ତୁମ୍ଭେମାନେ ସର୍ବଦା ଆଜ୍ଞାବହ ହୋଇଅଛ, କେବଳ ମୋହର ସାକ୍ଷାତରେ କଲାପରି ନୁହେଁ, କିନ୍ତୁ ବର୍ତ୍ତମାନ ମୋହର ଅସାକ୍ଷାତରେ ଆହୁରି ଅଧିକ ରୂପେ ଭୟ ଓ କମ୍ପ ସହ ଆପଣା ଆପଣା ପରିତ୍ରାଣ ସାଧନ କର, କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସଙ୍କଳ୍ପର ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି ।

**ଯୋହନ ୧୪:୧୫-୧୭ ପଢନ୍ତୁ**

ଯଦି ତୁମ୍ଭେମାନେ ମୋତେ ପ୍ରେମ କର । ତା'ହେଲେ ମୋହର ଆଜ୍ଞା ସବୁ ପାଳନ କରିବ । ଆଉ, ମୁଁ ପିତାଙ୍କୁ ଅନୁରୋଧ କରିବି, ପୁଣି ତୁମ୍ଭମାନଙ୍କ ସାଙ୍ଗରେ ଚିରକାଳ ରହିବା ନିମନ୍ତେ ସେ ତୁମ୍ଭମାନଙ୍କୁ ଆଉ ଜଣେ ସାହାଯ୍ୟକାରୀଙ୍କି, ଅର୍ଥାତ୍ ସେହି ସତ୍ୟମୟ ଆତ୍ମାଙ୍କୁ ଦେବେ । ଜଗତ ତାହାଙ୍କୁ ଗ୍ରହଣ କରିପାରେ ନାହିଁ । କାରଣ ଜଗତ ତାହାଙ୍କୁ ଦେଖେ ନାହିଁ କିମ୍ବା ଜାଣେ ନାହିଁ, ତୁମ୍ଭେମାନେ ତାହାଙ୍କୁ ଜାଣ, କାରଣ ସେ ତୁମ୍ଭମାନଙ୍କ ସାଙ୍ଗରେ ଥାଆନ୍ତି, ପୁଣି ସେ ତୁମ୍ଭମାନଙ୍କ ଅନ୍ତରେ ରହିବେ ।

କିଏ ଆମ୍ଭମାନଙ୍କୁ ପାପରୁ ଫେରାଇ ଆଣି ଈଶ୍ୱରଙ୍କ ସନ୍ତୋଷ ଜନକ ପଥରେ ଜୀବନ କାଟିବାକୁ ସାହାଯ୍ୟ କରନ୍ତି ? ______________________________

**ପ୍ରଶ୍ନ-୬, ଏଫିସୀୟ ୨:୪-୫ ପଢନ୍ତୁ**

ମାତ୍ର ଏପରି ଅପରାଧରେ ମୃତ ହେଲେ ହେଁ ଦୟା ସାଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ଯେଉଁ ମହା ପ୍ରେମରେ ପ୍ରେମ କଲେ, ସେଥି ସକାଶେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଜୀବ କରିଅଛନ୍ତି - ଅନୁଗ୍ରହରେ ତୁମ୍ଭେମାନେ ପରିତ୍ରାଣ ପାଇଅଛ ।

**୨ୟ କରନ୍ଥୀୟ ୫:୧୭ ପଢନ୍ତୁ**

ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟ ସବୁ ହୋଇଅଛି ।

ଆମ୍ଭେ ଯେତେବେଳେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ଭାବେ ଗ୍ରହଣ କରୁ ଆମର ଆତ୍ମା ଜୀବିତ ହୁଏ ଓ ଆମ୍ଭେ ______________________ ସୃଷ୍ଟି ହୋଇଥାଏ ।

### ଯୋହନ ୩:୫-୭ ପଢନ୍ତୁ

ଯୀଶୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ବରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ । ମାଂସରୁ ଯାହା ଜାତ, ତାହା ମାଂସ, ପୁଣି, ଆତ୍ମାରୁ ଯାହା ଜାତ, ତାହା ଆତ୍ମା, ତୁମ୍ଭମାନଙ୍କୁ ଅବଶ୍ୟ ପୁନର୍ବାର ଜନ୍ମିବାକୁ ହେବ ବୋଲି ମୁଁ ଯେ ତୁମ୍ଭକୁ କହିଲି, ଏଥିରେ ଚମତ୍କୃତ ହୁଅ ନାହିଁ ।

ଆମ୍ଭେମାନେ ଯେତେବେଳେ ପ୍ରଭୁ ଯୀଶୁଙ୍କୁ ତ୍ରାଣକର୍ତ୍ତା ଭାବେ ଗ୍ରହଣ କରୁ ଏବଂ ନୂତନ ସୃଷ୍ଟି ହେଉଁ, ଯୀଶୁ ଏହାକୁ ________________ କହନ୍ତି ।

### ପ୍ରଶ୍ନ-୭, ୧ମ ଯୋହନ ୫:୧୧-୧୨

ସେହି ସାକ୍ଷ୍ୟ ଏହି ଯେ, ଈଶ୍ବର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କଠାରେ ଅଛି । ଯେ ପୁତ୍ରଙ୍କୁ ପାଇଅଛି, ସେ ଜୀବନ ପାଇଅଛି, ଯେ ଈଶ୍ବରଙ୍କ ପୁତ୍ରଙ୍କୁ ପାଇ ନାହିଁ, ସେ ଜୀବନ ହିଁ ପାଇନାହିଁ ।

ଈଶ୍ବରଙ୍କ ସାକ୍ଷ୍ୟ ହେତୁ ଆମ୍ଭେମାନେ ଯେତେବେଳେ ଯୀଶୁଙ୍କୁ ଅର୍ଥାତ୍ ତାଙ୍କରି ପୁତ୍ରଙ୍କୁ ଗ୍ରହଣ କରୁ, ଆମ୍ଭେମାନେ ________________ ଜୀବନ ପାଇଥାଉଁ ।

### ୨ୟ ତିମଥି ୩:୧୬-୧୭

ସମସ୍ତ ଶାସ୍ତ୍ର ଈଶ୍ବର ନିଶ୍ବସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ବରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।

ଈଶ୍ବରଙ୍କ ସମ୍ବନ୍ଧରେ କହୁଥିବା ପୁସ୍ତକର ନାମ କ'ଣ? ________________

### ପ୍ରଶ୍ନ-୮, ପ୍ରେରିତ ୪:୧୨ ପଢନ୍ତୁ

ତାହାଙ୍କ ଛଡା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ବାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ ।

ଈଶ୍ବରଙ୍କ ବ୍ୟବସ୍ଥାନୁସାରେ ଆମ୍ଭେମାନେ ନିଶ୍ଚୟ ବିଶ୍ବାସ କରିବା (କେଉଁଟି ସତ୍ୟ)?

________________ ଏକ ସତ୍ୟ ଈଶ୍ବରଙ୍କୁ ପାଇବା ଓ ଜାଣିବା ନିମନ୍ତେ ଅନେକ ପଥ ରହିଅଛି।

________________ ସତ୍ୟ ଈଶ୍ବରଙ୍କୁ ପାଇବା ଓ ଜାଣିବା ନିମନ୍ତେ ଯୀଶୁଖ୍ରୀଷ୍ଟ ହିଁ ଏକମାତ୍ର ପଥ ଅଟନ୍ତି।

❑ ❑ ❑

# ପାଠ-୨

# ପାପ କ୍ଷମାର ନିଶ୍ଚିତତା

**ପ୍ରଶ୍ନ-୧, ରୋମୀୟ ୩:୨୨-୨୪**

''ଅର୍ଥାତ୍, ଈଶ୍ୱରଙ୍କର ଯେଉଁ ଧାର୍ମିକତା ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ସମସ୍ତ ବିଶ୍ୱାସୀଙ୍କ ପ୍ରତି ବର୍ତ୍ତେ, କାରଣ କୌଣସି ପ୍ରଭେଦ ନାହିଁ, ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି, ପୁଣି ସେମାନେ ବିନା ମୂଲ୍ୟରେ ତାହାଙ୍କ ଅନୁଗ୍ରହରେ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଯେଉଁ ମୁକ୍ତି ଅଛି, ତଦ୍ଦ୍ୱାରା ଧାର୍ମିକ ଗଣିତ ହୁଅନ୍ତି ।''

ବାଇବଲ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରେ ଯେ ____________ ମଣିଷ ପାପ କରିଅଛନ୍ତି, ଈଶ୍ୱରଙ୍କ ମହିମା (ପବିତ୍ରତା)ରୁ ଊଣା ପଡ଼ିଅଛନ୍ତି ।

**ଏବ୍ରୀ ୪:୧୪-୧୫**

ଅତଏବ ସ୍ୱର୍ଗ ସମୂହ ମଧ୍ୟ ଗମନ କରିଅଛନ୍ତି ଯେ ଈଶ୍ୱରଙ୍କ ପୁତ୍ର ଯୀଶୁ, ସେ ଆମ୍ଭମାନଙ୍କର ପ୍ରଧାନ ମହାଯାଜକ ହେବାରୁ ଆସ, ଆମ୍ଭେମାନେ ଆମ୍ଭମାନଙ୍କ ବିଶ୍ୱାସ ମତକୁ ଦୃଢ଼ ଭାବରେ ଧାରଣ କରୁ । କାରଣ ଯେ ଆମ୍ଭମାନଙ୍କ ଦୁର୍ବଳତାରେ ଆମ୍ଭମାନଙ୍କ ପ୍ରତି ସହାନୁଭୂତି ଦେଖାଇବାକୁ ଅସମର୍ଥ, ଆମ୍ଭମାନଙ୍କର ଏପରି ମହାଯାଜକ ନାହାନ୍ତି, ବରଂ ସେ ପାପ ରହିତ ହୋଇ ଆମ୍ଭମାନଙ୍କ ପରି ସର୍ବତୋଭାବେ ପରୀକ୍ଷିତ ହେଲେ ।''

କେଉଁ ଏକମାତ୍ର ବ୍ୟକ୍ତି କେବେ ପାପ କରିନାହାନ୍ତି ଏବଂ ଆମ୍ଭମାନଙ୍କର ପାପରୁ ଉଦ୍ଧାର କରିପାରନ୍ତି ?

________________________________________

**ପ୍ରଶ୍ନ-୨, ଏବ୍ରୀ - ୭:୨୬-୨୭**

କାରଣ ଏହିପ୍ରକାର ମହାଯାଜକ ଆମ୍ଭମାନଙ୍କ ପକ୍ଷରେ ଉପଯୁକ୍ତ, ଯେ କି ପବିତ୍ର, ନିର୍ଦ୍ଦୋଷ, ନିଷ୍କଳଙ୍କ, ପାପୀମାନଙ୍କଠାରୁ ପୃଥକୀକୃତ ପୁଣି ଆକାଶ ମଣ୍ଡଳ ଉପରେ ଉଚ୍ଚୀକୃତ । ସେହି ମହାଯାଜକମାନଙ୍କ ସଦୃଶ ପ୍ରତିଦିନ ପ୍ରଥମରେ ଆପଣାର ପାପ ପାଇଁ ଓ ପରେ ଲୋକମାନଙ୍କ ପାପ ପାଇଁ ବଳି ଉତ୍ସର୍ଗ କରିବା ତାହାଙ୍କର ଆବଶ୍ୟକ ନୁହେଁ, କାରଣ ଆପଣାକୁ ଉତ୍ସର୍ଗ କରିବା ଦ୍ୱାରା ସେ ଏକାଥରକେ ଏହା କରିଅଛନ୍ତି ।

ପ୍ରଭୁ ଯୀଶୁଖ୍ରୀଷ୍ଟ ପାପ ନିମନ୍ତେ ଆପଣାକୁ ବଳୀରୂପେ ଉତ୍ସର୍ଗ କଲେ, ତାହାଙ୍କ ବଳିଦାନରେ କାହାକୁ ଉପକାର ହେଉଛି । (ଠିକ୍ ଉତ୍ତର ବାଛନ୍ତୁ ?)

____________ ଯୀଶୁ ଏ ପୃଥିବୀରେ ରହିଥିବା ସମୟରେ ଯେଉଁ ଲୋକମାନେ ବଞ୍ଚିଥିଲେ ।

____________ ଯେଉଁମାନେ ବର୍ତ୍ତମାନ ବଞ୍ଚିଅଛନ୍ତି ।

____________ ସମସ୍ତଙ୍କ ନିମନ୍ତେ ସବୁ ସମୟରେ..... ଅତିତ, ବର୍ତ୍ତମାନ ଏବଂ ଭବିଷ୍ୟତ ।

**ପ୍ରଶ୍ନ-୩, ପ୍ରେରିତ - ୩:୧୯**

ଅତଏବ ଯେପରି ଆପଣମାନଙ୍କର ପାପ ମୋଚନ ହୋଇପାରେ, ଏଥି ନିମନ୍ତେ ମନପରିବର୍ତ୍ତନକରି ଫେରି ଆସନ୍ତୁ ।

ପିତର କହନ୍ତି ଯେ ଆମ୍ଭେମାନେ ମନପରିବର୍ତ୍ତନକରି ଈଶ୍ୱରଙ୍କ ଆଡେ ଖ୍ରୀଷ୍ଟଙ୍କୁ ବିଶ୍ୱାସ ଦ୍ୱାରା ଫେରି ଆସିଲେ ଆମ୍ଭମାନଙ୍କର ଅତିତର ପାପ ହୋଇଥାଏ ।

**ପ୍ରଶ୍ନ-୪**

ଆମ୍ଭେମାନେ ଜାଣିଲୁ ଯେ ସମସ୍ତେ ପାପକରିଅଛନ୍ତି ଏବଂ ଯେତେବେଳେ ପ୍ରଭୁ ଯୀଶୁଙ୍କୁ ତ୍ରାଣକର୍ତ୍ତା ଭାବରେ ନିଜ ଜୀବନରେ ଗ୍ରହଣ କରନ୍ତି, ଆମ୍ଭମାନଙ୍କର ସମସ୍ତ ପାପ ଧୌତ କରନ୍ତି ଏବଂ ପୋଛି ଦିଅନ୍ତି । ୧ମ ଯୋହନ - ୨:୧ ଆମ୍ଭମାନଙ୍କୁ ଶିଖାଏ ଯେ ଆମ୍ଭେମାନେ ଉଦ୍ଧାର ପ୍ରାପ୍ତ ହେଲା ଉତ୍ତାରେ ଯଦି ପୁନର୍ବାର ପାପ କରୁ, ଆମ୍ଭମାନଙ୍କର ଏକ ମଧ୍ୟସ୍ଥି ଅଛନ୍ତି । ଏହା ଅର୍ଥ ଆମ୍ଭେମାନେ ଆଉ ପାପ କରିବା ଉଚିତ୍ ନୁହେଁ ।
୧ମ ଯୋହନ - ୨:୧

ହେ ମୋହର ବତ୍ସଗଣ, ତୁମ୍ଭେମାନେ ଯେପରି ପାପ ନ କର, ଏଥି ନିମନ୍ତେ ମୁଁ ଏହିସବୁ ତୁମ୍ଭମାନଙ୍କ ନିକଟକୁ ଲେଖୁଅଛି । କିନ୍ତୁ କେହି ଯଦି ପାପ କରେ ତା'ହେଲେ ପିତାଙ୍କ ଛାମୁରେ ଆମ୍ଭମାନଙ୍କର ଜଣେ ସପକ୍ଷବାଦୀ ଅଛନ୍ତି ସେହି ଧାର୍ମିକ ଯୀଶୁଖ୍ରୀଷ୍ଟ ।

- ଆମ୍ଭେମାନେ ପରିତ୍ରାଣ ପାଇଲାପରେ କେତେବେଳେ ପାପ କରିବାକି ?

**ପ୍ରଶ୍ନ-୫, ଗୀତସଂହିତା ୬୬:୧୭-୧୯ ପଢନ୍ତୁ**

ମୁଁ ଆପଣାମୁଖରେ ତାହାଙ୍କୁ ଡାକିଲି ଓ ମୋ ଜିହ୍ୱାଦ୍ୱାରା ସେ ପ୍ରତିଷ୍ଠିତ ହେଲେ । ଯେବେ ମୁଁ ମନ ମଧ୍ୟରେ ଅଧର୍ମକୁ ଆଦର କରେ ତେବେ ପ୍ରଭୁ ମୋ କଥା ଶୁଣିବେ ନାହିଁ, ମାତ୍ର ନିଶ୍ଚୟ ପରମେଶ୍ୱର ମୋ କଥା ଶୁଣିଅଛନ୍ତି ସେ ମୋ ପ୍ରାର୍ଥନାର ରବରେ ମନଯୋଗ କରିଅଛନ୍ତି ।

**ଯିଶାଇୟ ୫୯:୨**

ମାତ୍ର ତୁମ୍ଭମାନଙ୍କର ଅପରାଧ ସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇ ଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇ ଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।

**୧ମ ପିତର ୩:୧୨**

''କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କର ଦୃଷ୍ଟି ଅଛି, ସେମାନଙ୍କ ବିନତି ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ, କିନ୍ତୁ ପ୍ରଭୁଙ୍କର ମୁଖ ଦୁଷ୍କର୍ମକାରୀମାନଙ୍କ ପ୍ରତିକୂଳ,

- ମୋହର ପାପ ଈଶ୍ୱରଙ୍କ ସହିତ ସହଭାଗିତାରେ କେଉଁ ତିନିଗୋଟି ବିଷୟ କରିପାରେ ?

**ପ୍ରଶ୍ନ-୬, ଯିଶାଇୟ ୫୫:୬-୭**

ଯେ ପର୍ଯ୍ୟନ୍ତ ସଦାପ୍ରଭୁଙ୍କର ଉଦ୍ଦେଶ୍ୟ ମିଳୁଅଛି, ସେ ପର୍ଯ୍ୟନ୍ତ ତୁମ୍ଭେମାନେ ତାହାଙ୍କର ଅନ୍ୱେଷଣ କର, ଯେପର୍ଯ୍ୟନ୍ତ ସେ ନିକଟରେ ଅଛନ୍ତି, ସେ ପର୍ଯ୍ୟନ୍ତ ତାହାଙ୍କଠାରେ ପ୍ରାର୍ଥନା କର । ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣା ସଂକଳ୍ପ ପରିତ୍ୟାଗ କରୁ, ପୁଣି, ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟାକରିବେ, ଆଉ, ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, କାରଣ ସେ ବହୁଳ ରୂପରେ କ୍ଷମା କରିବେ ।

- ଆମ୍ଭେମାନେ ଯେତେବେଳେ ପାପ କରିଅଛୁ ଆମ୍ଭେମାନେ କ'ଣ କରିବା ଉଚିତ୍ ?

---

---

---

**ପ୍ରଶ୍ନ-୭, ଯୋହନ ୧୪:୧୬-୧୭, ୨୬ ପଢନ୍ତୁ**

ଆଉ, ମୁଁ ପିତାଙ୍କୁ ଅନୁରୋଧ କରିବି, ପୁଣି ତୁମ୍ଭମାନଙ୍କ ସାଙ୍ଗରେ ଚିରକାଳ ରହିବା ନିମନ୍ତେ ସେ ତୁମ୍ଭମାନଙ୍କୁ ଆଉ ଜଣେ ସାହାଯ୍ୟକାରୀଙ୍କି, ଅର୍ଥାତ୍ ସେହି ସତ୍ୟମୟ ଆତ୍ମାଙ୍କୁ ଦେବେ, ଜଗତ ତାହାଙ୍କୁ ଗ୍ରହଣ କରିପାରେ ନାହିଁ, କାରଣ ଜଗତ ତାହାଙ୍କୁ ଦେଖେ ନାହିଁ କିମ୍ବା ଜାଣେ ନାହିଁ । ତୁମ୍ଭେମାନେ ତାହାଙ୍କୁ ଜାଣ, କାରଣ ସେ ତୁମ୍ଭମାନଙ୍କ ସାଙ୍ଗରେ ଥାଆନ୍ତି, ପୁଣି ସେ ତୁମ୍ଭମାନଙ୍କ ଅନ୍ତରେ ରହିବେ । କିନ୍ତୁ ସେହି ସାହାଯ୍ୟକାରୀ, ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି, ସେହି ସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।

**ଯୋହନ ୧୬:୭-୮**

କିନ୍ତୁ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ମୋହର ପ୍ରସ୍ଥାନ କରିବାରେ ତୁମ୍ଭମାନଙ୍କର ମଙ୍ଗଳ, କାରଣ ମୁଁ ପ୍ରସ୍ଥାନ ନ କଲେ ସେହି ସାହାଯ୍ୟକାରୀ ତୁମ୍ଭମାନଙ୍କ ନିକଟକୁ ଆସିବେ ନାହିଁ, ମାତ୍ର ମୁଁ ଗଲେ ତାହାଙ୍କୁ ତୁମ୍ଭମାନଙ୍କ ନିକଟକୁ ପଠାଇଦେବି । ସେ ଆସି ପାପ, ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ ପ୍ରମାଣ ଦେବେ ।

**ଗୀତସଂହିତା ୩୮:୧୮**

ମୁଁ ଆପଣା ଅପରାଧ ପ୍ରକାଶ କରିବି, ମୁଁ ଆପଣା ପାପ ଲାଗି ଖେଦିତ ହେବି ।

- ଆମ୍ଭମାନଙ୍କର ଈଶ୍ୱରଙ୍କ ପ୍ରତି ଅପ୍ରିତିକର ବିଷୟକୁ ଦେଖାଇବାକୁ ଓ ପାପ ନିମନ୍ତେ ଦୁଃଖ ପ୍ରକାଶ କରିବା ପାଇଁ କେଉଁ ପରାମର୍ଶଦାତା ବା ସାହାଯ୍ୟକାରୀଙ୍କୁ ଈଶ୍ୱର ଆମ୍ଭମାନଙ୍କୁ ଦେଇଅଛନ୍ତି ?

---

**ପ୍ରଶ୍ନ-୮, ୧ମ ଯୋହନ ୧:୮-୧୦**

ଆମ୍ଭମାନଙ୍କର ପାପ ନାହିଁ, ଏହା ଯଦି କହୁ, ତା'ହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁ, ପୁଣି ଆମ୍ଭମାନଙ୍କଠାରେ ସତ୍ୟ ନାହିଁ । ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ୍ ଅଟନ୍ତି । ଆମ୍ଭେମାନେ ପାପ କରିନାହୁଁ, ଏହା ଯଦି କହୁ, ତା'ହେଲେ ଆମ୍ଭେମାନେ ତାହାଙ୍କୁ ମିଥ୍ୟାବାଦୀ କରୁ ପୁଣି ତାହାଙ୍କ ବାକ୍ୟ ଆମ୍ଭମାନଙ୍କଠାରେ ନାହିଁ ।

ସ୍ୱୀକାର କରିବାର ଅର୍ଥ ଈଶ୍ୱରଙ୍କ ଏବଂ ତାଙ୍କ ବାକ୍ୟରେ ସହମତ ହେବା, ଆମ୍ଭେ ଯାହା କରିଅଛୁ ଭୁଲ ଏବଂ ଈଶ୍ୱରଙ୍କ ହୃଦୟକୁ ଆଘାତ ଦେଇଅଛୁ । ଆମ୍ଭେ ପାପ କରିଅଛୁ ବୋଲି ଅନୁଭବ କଲେ କ'ଣ କରିବା ଉଚିତ୍ ? ________________

- ଆମ୍ଭମାନଙ୍କର ପାପ ସ୍ୱୀକାର କିଏ ଶୁଣିବା ଉଚିତ୍ ? ________________

**ପ୍ରଶ୍ନ-୯, ଗୀତସଂହିତା ୫୧:୧-୩ ପଢନ୍ତୁ**

ହେ ପରମେଶ୍ୱର, ଆପଣା ସ୍ନେହପୂର୍ଣ୍ଣ କରୁଣାନୁସାରେ ମୋ ପ୍ରତି ଦୟା କର, ତୁମ୍ଭ କୃପାର ବାହୁଲ୍ୟ ଅନୁସାରେ ମୋହର ଅଧର୍ମ ମାର୍ଜନା କର । ମୋ ଅପରାଧରୁ ମୋତେ ସମ୍ପୂର୍ଣ୍ଣ ପ୍ରକ୍ଷାଳନ କର ଓ ମୋ ପାପରୁ ମୋତେ ଶୁଚିକର, କାରଣ ମୁଁ ଆପଣା ଅଧର୍ମ ସ୍ୱୀକାର କରୁଅଛି ଓ ମୋ ପାପ ସର୍ବଦା ମୋ ସମ୍ମୁଖରେ ଅଛି ।

(ଏହା ଦାଉଦଙ୍କ ପାପ ସ୍ୱୀକାର ଅଟେ ।)

- ଦାଉଦ ଏକ ଭୟଙ୍କର ପାପ କରିଥିଲେ କିନ୍ତୁ ସେ ଜାଣିଥିଲେ ଯେ ଈଶ୍ୱର ତାହାଙ୍କୁ ସାହାଯ୍ୟ କରିପାରିବେ, କାରଣ ଈଶ୍ୱରଙ୍କ ________________ ଓ ________________ ଯୋଗୁଁ ଦାଉଦ ଈଶ୍ୱରଙ୍କଠାରୁ ଦୟା ଓ କ୍ଷମା ମାଗିଥିଲେ ଦାଉଦ ଆପଣା ପାପ ଯୋଗୁଁ ଈଶ୍ୱର ତାଙ୍କ ପ୍ରତି କ'ଣ କରନ୍ତୁ ବୋଲି ଆଶା କରିଥିଲେ ? ________________

**ପ୍ରଶ୍ନ-୧୦, ଗୀତସଂହିତା ୫୧:୧୨ ପଢନ୍ତୁ**

"ତୁମ୍ଭ ପରିତ୍ରାଣର ଆନନ୍ଦ ପୁନର୍ବାର ମୋତେ ଦିଅ ଓ ସ୍ୱଚ୍ଛନ୍ଦ ଆତ୍ମା ଦେଇ ମୋତେ ଧରି ରଖ ।"

- ଆମ୍ଭେ ଯେତେବେଳେ କ୍ଷମା ପାଇଅଛୁ କିପ୍ରକାର ଆବେଗର ଅନୁଭବ କରିପାରିବା ?

ସେ ପାପଠାରୁ ଦୂରେ ରହିବା ନିମନ୍ତେ ଈଶ୍ୱରଙ୍କ ଠାରୁ କେଉଁ ସାହାଯ୍ୟ ମାଗିଥିଲେ ।

**ପ୍ରଶ୍ନ-୧୧, ଫିଲିପ୍ପୀୟ ୨:୧୩ ପଢନ୍ତୁ**

କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସଂକଳ୍ପର ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି ।

- ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ କିଏ ଆମ୍ଭମାନଙ୍କୁ ଆବଶ୍ୟକ କରନ୍ତି ? ________________

ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାର ବିଷୟ ଚିନ୍ତା କରିବାକୁ ଓ କାର୍ଯ୍ୟ କରିବାକୁ କିଏ ଆମ୍ଭେମାନଙ୍କୁ ସାହାଯ୍ୟ କରନ୍ତି ? ________________

**ପ୍ରଶ୍ନ-୧୨, ଏବ୍ରୀ ୯:୧୪ ପଢନ୍ତୁ**

ତେବେ ଯେଉଁ ଖ୍ରୀଷ୍ଟ ଚିରନ୍ତନ ଆତ୍ମାଙ୍କ ଦ୍ୱାରା ଆପଣାକୁ ନିଖୁନ୍ତ ବଳିସ୍ୱରୂପେ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କଲେ, ତାହାଙ୍କ ରକ୍ତ କେତେ ଅଧିକ ପରିମାଣରେ ଜୀବିତ ଈଶ୍ୱରଙ୍କ ସେବା କରିବା ନିମନ୍ତେ ମୃତ କର୍ମରୁ ଆମ୍ଭମାନଙ୍କ ବିବେକକୁ ଶୁଦ୍ଧ ନ କରିବ ।

- ଆମ୍ଭେମାନେ ଯେତେବେଳେ ଆପଣା ପାପ ସ୍ୱୀକାର କରୁ ଏବଂ ଈଶ୍ୱରଙ୍କ କ୍ଷମା ଲାଭ କରୁ । ସେ କେବଳ ଆମ୍ଭର ପାପକୁ ଦୂର କରନ୍ତି ନାହିଁ କିନ୍ତୁ ଆମ୍ଭମାନଙ୍କର ________________

ପରିଷ୍କାର କରନ୍ତି । ଆମ୍ଭମାନଙ୍କର ବିବେକଟି ଶରୀର ବିଶେଷ ଅଙ୍ଗ ଅଟେ । ଯେଉଁଠିରେ ଠିକ୍ ଓ ଭୁଲ୍ ମଧ୍ୟରେ ପାର୍ଥକ୍ୟ ଜାଣିପାରୁ, ଯଦି ତୁମ୍ଭର ବିବେକ ତୁମ୍ଭକୁ ବ୍ୟସ୍ତ କରେ ତେବେ ତୁମ୍ଭେ ଜାଣିପାର ତୁମ୍ଭେ କିଛି ଭୁଲ କରିଛ ବୋଲି ତାହା ହେଲେ ତୁମେ କେମିତି ଏକ ସ୍ୱଚ୍ଛ ବିବେକ ଲାଭ କରିପାରିବ ।

**ପ୍ରଶ୍ନ-୧୩, ଗୀତସଂହିତା ୧୦୩:୮-୧୪ ପଢନ୍ତୁ**

ସଦାପ୍ରଭୁ ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧୀର ଓ ଅତ୍ୟନ୍ତ ଦୟାଳୁ । ସେ ନିରନ୍ତର ଧମକାଇବେ ନାହିଁ, କିଅବା ସଦାକାଳ ଆପଣା କ୍ରୋଧ ରଖିବେ ନାହିଁ । ସେ ଆମ୍ଭମାଂନଙ୍କ ପାପ ପ୍ରମାଣେ ଆମ୍ଭମାନଙ୍କ ପ୍ରତି ବ୍ୟବହାର କରିନାହାନ୍ତି, କିଅବା ଆମ୍ଭମାନଙ୍କ ଅଧର୍ମାନୁସାରେ ଆମ୍ଭମାନଙ୍କୁ ପ୍ରତିଫଳ ଦେଇ ନାହାନ୍ତି । କାରଣ ପୃଥିବୀରୁ ଆକାଶ ମଣ୍ଡଳ ଯେପରି ଉଚ୍ଚ ସେହିପରି ତାହାଙ୍କ ଭୟକାରୀମାନଙ୍କପ୍ରତି ତାହାଙ୍କ ଦୟା ମହତ୍ । ପୂର୍ବରୁ ପଶ୍ଚିମ ଯେତେ ଦୂର, ସେ ଆମ୍ଭମାନଙ୍କଠାରୁ ଆମ୍ଭମାନଙ୍କ ଅପରାଧ ସେତେ ଦୂର କରିଅଛନ୍ତି । ପିତା ଆପଣା ସନ୍ତାନଗଣ ପ୍ରତି ଯେରୂପ ସ୍ନେହ ବହଇ । ସଦା ପ୍ରଭୁ ଆପଣା ଭୟକାରୀମାନଙ୍କପ୍ରତି ସେହି ରୂପ ସ୍ନେହ ବହନ୍ତି । କାରଣ ସେ ଆମ୍ଭମାନଙ୍କର ଗଠନ ଜାଣନ୍ତି, ଆମ୍ଭେମାନେ ଯେ ଧୂଳିମାତ୍ର, ଏହା ସେ ସ୍ମରଣ କରନ୍ତି ।

- ଈଶ୍ୱରଙ୍କ କ୍ଷମା କେତେ ବଡ଼ ଅଟେ ? ______

ଈଶ୍ୱରଙ୍କ ଚରିତ୍ର (ଗୁଣାବଳୀ) ଯାହାଦ୍ୱାରା ସେ ଆମ୍ଭମାନଙ୍କୁ କ୍ଷମା କରନ୍ତି ଓ ତାହାଙ୍କ ସହଭାଗିତାରେ ପୁନଃସ୍ଥାପିତ କରନ୍ତି ?

ଗୀତସଂହିତା-୧୦୩:୮ ଦେଖନ୍ତୁ ______

**ପ୍ରଶ୍ନ-୧୪, ମାଥିଉ ୬:୧୨ ପଢନ୍ତୁ**

''ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧ ସବୁ କ୍ଷମା କର ।''

ଯୀଶୁ ଆପଣା ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାଇଲେ, ସେ ପିତା ପରମେଶ୍ୱରଙ୍କୁ ଆମ୍ଭମାନଙ୍କର ଅପରାଧ (ପାପ) କ୍ଷମା କରିବାକୁ ଏବଂ ଆମ୍ଭେମାନେ ମଧ୍ୟ ______ କରିବାକୁ ସେ ଆଶା କରନ୍ତି ।

❑ ❑ ❑

# ପାଠ-୩

## ଈଶ୍ୱରଙ୍କ ପ୍ରେମର ନିଶ୍ଚିତତା ଏବଂ ଆମ୍ଭମାନଙ୍କ ସହିତ ମିଶିବାକୁ ତାହାଙ୍କର ଇଚ୍ଛା

କେତେ ଲୋକ ଭାବନ୍ତି ଯେ କ୍ରୋଧ ଓ କଷ୍ଟ ସମୟରେ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ଆମ୍ଭେମାନେ ଈଶ୍ୱରଙ୍କ ମହାନ ପ୍ରେମର ସତ୍ୟତା ପବିତ୍ର ବାଇବଲରୁ ଜାଣିବା ଉଚିତ୍ ଏବଂ ଆମ୍ଭମାନଙ୍କ ସହିତ ବନ୍ଧୁତାର ଅନୁଭବକୁ ଗଭୀର ଭାବରେ ସେ ଆକାଂକ୍ଷା କରନ୍ତି ।

**ପ୍ରଶ୍ନ-୧, ରୋମୀୟ ୫:୫-୮ ପଢନ୍ତୁ**

"ଆଉ, ଭରସା ଲଜ୍ଜା ଦିଏ ନାହିଁ, କାରଣ ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ର ଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି, କାରଣ ଯେତେବେଳେ ଆମ୍ଭେମାନେ ନିରୁପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ଧାର୍ମିକ ଲୋକ ନିମନ୍ତେ ପ୍ରାୟ କେହି ମୃତ୍ୟୁଭୋଗ କରିବ ନାହିଁ - ଉତ୍ତମ ଲୋକ ନିମନ୍ତେ ଅବା କେହି ପ୍ରାଣ ଦେବାକୁ ସାହସ କରିପାରେ - କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।"

ପରମେଶ୍ୱର ଆମ୍ଭମାନଙ୍କ ପ୍ରତି ତାଙ୍କ ପ୍ରେମ କିପ୍ରକାରେ ପ୍ରକାଶ କରି ଅଛନ୍ତି ? ______________________ ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କଠାରେ ଢାଳିଦେବା ନିମନ୍ତେ କିଏ ଆମ୍ଭମାନଙ୍କ ହୃଦୟରେ ବାସ କରନ୍ତି ? ______________________

**ପ୍ରଶ୍ନ-୨, ଯୋହନ ୩:୧୬ ପଢନ୍ତୁ**

"କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।"

ଈଶ୍ୱର ଆମ୍ଭମାନଙ୍କ ପ୍ରତି ଏପରି ପ୍ରେମ କଲେ ଯେ ଆମ୍ଭେମାନେ ତାହାଙ୍କଠାରେ ______________________ ଜୀବନ ପାଇବାକୁ ଇଚ୍ଛା କରନ୍ତି ।

**ପ୍ରଶ୍ନ-୩, ୧ମ ଯୋହନ ୪:୯,୧୯ ପଢନ୍ତୁ**

"ଏଥିରେ ହିଁ ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହୋଇଅଛି ଯେ ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହେଉ । ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ।"

ଆମ୍ଭେମାନେ ଈଶ୍ୱରଙ୍କୁ ପ୍ରେମକରିପାରୁ ଏବଂ ଅନ୍ୟମାନଙ୍କୁ କାରଣ ସେ ପ୍ରଥମରେ ______________________

**ପ୍ରଶ୍ନ-୪, ରୋମୀୟ ୮:୩୮-୩୯ ପଢନ୍ତୁ**

"କାରଣ ମୃତ୍ୟୁ କି ଜୀବନ, ଦୂତ କି କର୍ତ୍ତାପଣ ବର୍ତ୍ତମାନ କି ଭବିଷ୍ୟତ୍ କି ପରାକ୍ରମ, ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଶ୍ଚୟ ଜାଣେ ।"

ରୋମୀୟ ୮ ପର୍ବର ଏହି ପଦମାନଙ୍କରେ କୁହାଯାଉଛି ଯେ ମୃତ୍ୟୁ କର୍ତ୍ତାପଣ, ପରାକ୍ରମ ଈଶ୍ୱରଙ୍କଠାରୁ ଆମ୍ଭମାନଙ୍କୁ ପୃଥକ୍ କରିବାକୁ ଚେଷ୍ଟା କରିବ, ଏଥିରେ କୁହାଯାଉଛି ଯେ ଏଇଟା କିମ୍ବା ସେଇଟା ଈଶ୍ୱରଙ୍କ ପ୍ରେମରୁ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଅତଏବ ଏ ପୃଥିବୀର କୌଣସି ବିଷୟ କିମ୍ବା ସୃଷ୍ଟିର ପ୍ରତ୍ୟେକ ବିଷୟ ତୁମକୁ ଈଶ୍ୱରଙ୍କ ପ୍ରେମରୁ ପୃଥକ୍ କରିପାରିବ କି ?

___

ଈଶ୍ୱର ଆମ୍ଭମାନଙ୍କଠାରୁ ଦୂରରେ ରହିବାକୁ ଇଚ୍ଛା କରନ୍ତି ନାହିଁ । ସେ ଆମ୍ଭମାନଙ୍କୁ ତାଙ୍କ ନିକଟକୁ ଆକର୍ଷଣ କରନ୍ତି ଏବଂ ଆମ୍ଭମାନଙ୍କ ଠାରେ ଏପରି ବିଷୟ ଘଟାନ୍ତି ଯେଉଁଠିରେ ଆମ୍ଭେମାନେ ତାଙ୍କ ନିକଟକୁ ଆସିପାରିବୁ ।

**ପ୍ରଶ୍ନ-୫, ଯିରିମିୟ ୩୧:୩ ପଢନ୍ତୁ**

"ସଦାପ୍ରଭୁ ପୁରାତନ କାଳରେ ମୋତେ ଦର୍ଶନ ଦେଇ କହିଲେ, ହଁ, ଆମ୍ଭେ ଚିରସ୍ଥାୟୀ ପ୍ରେମରେ ତୁମକୁ ପ୍ରେମ କରି ଆସିଅଛୁ । ଏ ହେତୁ ସ୍ନେହପୂର୍ଣ୍ଣ କରୁଣାରେ ଆମ୍ଭେ ତୁମକୁ ଆକର୍ଷଣ କରିଅଛୁ ।"

- ପରମେଶ୍ୱର ଲୋକମାନଙ୍କୁ କି ପ୍ରକାରରେ ତାଙ୍କ ନିକଟକୁ ଆସିବାକୁ ଦିଅନ୍ତି ?

___

ତୁମ୍ଭ ପ୍ରତି ଈଶ୍ୱର ଦେଖାଇଥିବା ପ୍ରେମ ଓ ଦୟାର ସମୟକୁ ବ୍ୟକ୍ତିଗତ ଉଦାହରଣରେ ଲେଖ ।

___

___

___

**ପ୍ରଶ୍ନ-୬, ଯାକୁବ ୪:୮**

"ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ ।" ଯଦି ଈଶ୍ୱର ଆମ୍ଭ ନିକଟବର୍ତ୍ତୀ ହୁଅନ୍ତି ବୋଲି ଇଚ୍ଛା କରୁ, ଆମ୍ଭେ କ'ଣ କରିବା ଉଚିତ୍ ?

___

**ପ୍ରଶ୍ନ-୭, ଏବ୍ରୀ ୧୧:୬ ପଢନ୍ତୁ**

ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାରଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।

● ଆପଣଙ୍କ ମତରେ ଯେଉଁମାନେ ଈଶ୍ୱରଙ୍କ ଅନ୍ୱେଷଣ କରନ୍ତି, ସେମାନଙ୍କର ସେ ପୁରସ୍କାର ଦାତା ଅଟନ୍ତି କ'ଣ ଭାବୁଛନ୍ତି ?

______________________________

______________________________

**ପ୍ରଶ୍ନ-୮, ମାଥିଉ ୧୧:୨୮-୩୦ ପଢନ୍ତୁ**

ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ । ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।

● ଯୀଶୁ ଆମ୍ଭମାନଙ୍କୁ ତାଙ୍କ ନିକଟକୁ ଆସିବାକୁ ନିମନ୍ତ୍ରଣ କରନ୍ତି, ସେ ଏକାଥରେ ଆମ୍ଭମାନଙ୍କୁ କ'ଣ ଦିଅନ୍ତି ?

______________________________

______________________________

**ପ୍ରଶ୍ନ-୯, ଯିରିମିୟ ୨୯:୧୧-୧୪**

''କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଙ୍କଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଙ୍କଳ୍ପ ଅଟେ । ପୁଣି, ତୁମ୍ଭେମାନେ ଆମ୍ଭଙ୍କୁ ଆହ୍ୱାନ କରିବ ଓ ଯାଇ ଆମ୍ଭ ନିକଟରେ ପ୍ରାର୍ଥନା କରିବ, ତହିଁରେ ଆମ୍ଭେ ତୁମ୍ଭମାନଙ୍କ କଥାରେ ମନୋଯୋଗ କରିବା । ଆଉ ତୁମ୍ଭେମାନେ ଆମ୍ଭଙ୍କୁ ଅନ୍ୱେଷଣ କରିବ ଓ ସର୍ବାନ୍ତଃକରଣ ସହିତ ଆମ୍ଭଙ୍କୁ ଖୋଜିଲେ ଆମ୍ଭର ଉଦ୍ଦେଶ୍ୟ ପାଇବ । ସଦାପ୍ରଭୁ କହନ୍ତି, ଆମ୍ଭେ ତୁମ୍ଭମାନଙ୍କୁ ଆମ୍ଭର ଉଦ୍ଦେଶ୍ୟ ପାଇବାକୁ ଦେବା, ପୁଣି ଆମ୍ଭେ ତୁମ୍ଭମାନଙ୍କର ବନ୍ଦୀତ୍ୱାବସ୍ଥା ପରିବର୍ତ୍ତନ କରିବା ଓ ଯେଉଁ ସକଳ ଗୋଷ୍ଠୀ ମଧ୍ୟକୁ, ଯେ ସକଳ ସ୍ଥାନକୁ ଆମ୍ଭେ ତୁମ୍ଭମାନଙ୍କୁ ତଡ଼ି ଦେଇଅଛୁଁ, ସେହି ସବୁ ସ୍ଥାନରୁ ଆମ୍ଭେ ତୁମ୍ଭମାନଙ୍କୁ ସଂଗ୍ରହ କରିବା । ଏହା ସଦାପ୍ରଭୁ କହନ୍ତି; ଆଉ, ଆମ୍ଭେ ଯେଉଁ ସ୍ଥାନରୁ ତୁମ୍ଭମାନଙ୍କୁ ନିର୍ବାସିତ କରାଇଅଛୁ, ସେହି ସ୍ଥାନକୁ ପୁନର୍ବାର ଆଣିବା ।

● ବାଇବଲ କହେ ଯେ ଆପଣଙ୍କ ଜୀବନରେ ଈଶ୍ୱରଙ୍କ ______________ ଅଛି ।

● ଆମ୍ଭେମାନେ ସମ୍ପୂର୍ଣ୍ଣ ହୃଦୟରେ ତାହାଙ୍କୁ ______________ କରିବାକୁ ଈଶ୍ୱର ଇଚ୍ଛା କରନ୍ତି ।

● ସେ ପ୍ରତିଜ୍ଞା କରିଅଛନ୍ତି ଯେ ଆମ୍ଭେମାନେ ଯେତେବେଳେ ପ୍ରାର୍ଥନା କରିବ ସେ ଆମ୍ଭମାନଙ୍କୁ ______________ ଈଶ୍ୱରଙ୍କୁ କହିବା ଓ ତାଙ୍କ ଠାରୁ ଶୁଣିବାକୁ ______________ କୁହାଯାଏ ।

**ପ୍ରଶ୍ନ-୧୦, ଗୀତସଂହିତା ୧୩୯:୧-୬ ପଢନ୍ତୁ**

ହେ ସଦାପ୍ରଭୁ, ତୁମ୍ଭେ ମୋହର ଅନୁସନ୍ଧାନ କରିଅଛ ଓ ମୋହର ପରିଚୟ ନେଇଅଛ । ତୁମ୍ଭେ ମୋହର ବସିବାର ଓ ଉଠିବାର ଜାଣୁଅଛ, ତୁମ୍ଭେ ଦୂରରୁ ମୋହର ସଂକଳ୍ପ ବୁଝୁଅଛ । ତୁମ୍ଭେ ମୋହର ଗମନ ଓ ଶୟନ ଅନୁସନ୍ଧାନ କରୁଅଛ, ଆଉ ମୋହର ସକଳ ଗତି ଜାଣୁଅଛ । କାରଣ ହେ ସଦାପ୍ରଭୁ, ଦେଖ, ଯାହା ତୁମ୍ଭଙ୍କ ସମ୍ପୂର୍ଣ୍ଣ ଗୋଚର ନୁହେଁ, ଏପରି ଗୋଟିଏ କଥା ମୋ ଜିହ୍ୱାରେ ନାହିଁ । ତୁମ୍ଭେ ମୋତେ ପଛରେ ଓ ଆଗରେ ଘେରିଅଛ ଓ ମୋ ଉପରେ ଆପଣା ହସ୍ତ ରଖିଅଛ । ଏହି ପ୍ରକାର ଜ୍ଞାନ ମୋ ପ୍ରତି ଅତି ଆଶ୍ଚର୍ଯ୍ୟ; ତାହା ଉଚ୍ଚ, ମୋ ବୋଧର ଅଗମ୍ୟ ।

**ଗୀତ ସଂହିତା ୧୩୯ : ୧୬** ତୁମ୍ଭର ଚକ୍ଷୁ ମୋହର ସେହି ଅସମ୍ପୂର୍ଣ୍ଣ ପିଣ୍ଡ ଦେଖିଲା ଓ ମୋହର ଯେଉଁ ସବୁ ଅଙ୍ଗ ପ୍ରତ୍ୟଙ୍ଗ ଦିନକୁ ଦିନ ଗଠିତ ହେଲା, ତନ୍ମଧ୍ୟରୁ ଗୋଟିଏ ହେଲେ ନ ହେଉଣୁ ତାହା ସବୁ ତୁମ୍ଭ ପୁସ୍ତକରେ ଲିଖିତ ଥିଲା ।

- ତିନିଗୋଟି ବିଷୟ ଯାହା ଈଶ୍ୱର ତୁମ୍ଭ ବିଷୟରେ ଜାଣନ୍ତି ଲେଖ ।

______________________________

______________________________

______________________________

**ପ୍ରଶ୍ନ-୧୧, ଗୀତସଂହିତା ୧୩୯:୭-୧୦ ପଢନ୍ତୁ**

ତୁମ୍ଭ ଆତ୍ମାଠାରୁ ମୁଁ କେଉଁଠାକୁ ଯିବି ? ଅବା ତୁମ୍ଭ ସାକ୍ଷାତରୁ ମୁଁ କେଉଁଠାକୁ ପଳାଇବି ? ଯେବେ ମୁଁ ସ୍ୱର୍ଗକୁ ଆରୋହଣ କରେ, ତେବେ ତୁମ୍ଭେ ସେଠାରେ । ଯେବେ ମୁଁ ପାତାଳରେ ବିଛଣା କରେ, ତେବେ ଦେଖ, ତୁମ୍ଭେ ସେଠାରେ ଯେବେ ମୁଁ ଅରୁଣର ପକ୍ଷ ଧରେ ଓ ସମୁଦ୍ରର ପ୍ରାନ୍ତ ସୀମାରେ ବାସକରେ, ସେଠାରେ ହେଁ ତୁମ୍ଭର ହସ୍ତ ମୋତେ ଚଳାଇବ ଓ ତୁମ୍ଭର ଦକ୍ଷିଣ ହସ୍ତ ମୋତେ ଧରିବ ।''

- ତୁମ୍ଭେ ଯେଉଁଠିକୁ ଯିବ ଈଶ୍ୱର କ'ଣ ତୁମକୁ ଦେଖିପାରିବେ ଓ ଶୁଣି ପାରିବେ ?

______________________________

**ପ୍ରଶ୍ନ-୧୨, ଯୋହନ ୧୭:୩ ପଢନ୍ତୁ**

ଆଉ, ଏକମାତ୍ର ସତ୍ୟ ଈଶ୍ୱର ଯେ ତୁମ୍ଭେ, ତୁମ୍ଭକୁ ଓ ତୁମ୍ଭର ପ୍ରେରିତ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତ ଜୀବନ ଅଟେ ।

- ଅନନ୍ତ ଜୀବନ ପାଇବାର ଅଂଶ ହେଲା ଈଶ୍ୱରଙ୍କୁ ______________ ଏବଂ ତାଙ୍କର ଯେଉଁ ପୁତ୍ର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ପ୍ରେରଣ କଲେ ।
- ଏମିତି ଏକ ବ୍ୟକ୍ତି ବିଷୟରେ ଚିନ୍ତାକର ଯାହାକୁ ଆପଣ ଜାଣନ୍ତି ଯେ କି ଈଶ୍ୱର ନୁହନ୍ତି ।

• ଏ ବ୍ୟକ୍ତିକୁ ଆପଣ କେବେ ଭେଟିଲେ, ତାହାଙ୍କୁ କି ପ୍ରକାରେ ଜାଣିବାକୁ ପାଇଲେ ?

• ଈଶ୍ୱରଙ୍କୁ ଜାଣିବା ପାଇଁ ଦୁଇଟି ପଥ (ଉପାୟ) ଲେଖ ?

• ଈଶ୍ୱରଙ୍କୁ ଭଲରେ ଜାଣିବା ପାଇଁ ତୁମ୍ଭେ କ'ଣ କରୁଅଛ ?

❑ ❑ ❑

# ପାଠ-୪

# ପ୍ରାର୍ଥନାର ଉତ୍ତର ପାଇଁ ନିଶ୍ଚିତତା

**ଭାଗ-୧ : ଈଶ୍ୱର ଆମ୍ଭମାନଙ୍କ ସହିତ ସାକ୍ଷାତ କରିବାକୁ ଇଚ୍ଛା କରନ୍ତି ।**

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବିଶ୍ୱାସୀଙ୍କ ଜୀବନରେ ଅତ୍ୟନ୍ତ ଆବଶ୍ୟକିୟ ବିଷୟ ହେଲା ଏକ ପ୍ରାର୍ଥନାମୟ ଜୀବନରେ ବୃଦ୍ଧି ଲାଭ କରିବା, ଖ୍ରୀଷ୍ଟିୟାନର ପ୍ରାର୍ଥନା ଈଶ୍ୱରଙ୍କ ସହଭାଗିତା ଅଟେ, ଯେଉଁଥିରେ ଆମ୍ଭେ ତାହାଙ୍କୁ କଥା କହୁଁ ଏବଂ ସେ ଆମ୍ଭମାନଙ୍କୁ କହନ୍ତି ?

ଆମ୍ଭେମାନେ ନିଶ୍ଚୟ ବୁଝିବାକୁ ହେବ ଯେ ଈଶ୍ୱର ଆମ୍ଭମାନଙ୍କର ପ୍ରାର୍ଥନା ସର୍ବଦା ଶୁଣିଥାଆନ୍ତି, କାରଣ ସେ ଆମ୍ଭମାନଙ୍କ ସହଭାଗିତା ପାଇବାକୁ ଇଚ୍ଛାକରନ୍ତି ।

**ପ୍ରଶ୍ନ-୧, ଯିଶାଇୟ ୩୦:୧୮ କହେ**

''ପୁଣି, ତହିଁ ସକାଶୁ ସଦାପ୍ରଭୁ ତୁମ୍ଭମାନଙ୍କ ପ୍ରତି ଅନୁଗ୍ରହ କରିବା ପାଇଁ ଅପେକ୍ଷା କରିବେ, ଆଉ ତହିଁ ସକାଶୁ ତୁମ୍ଭମାନଙ୍କ ପ୍ରତି ଦୟା କରିବା ନିମନ୍ତେ ସେ ଉନ୍ନତ ହେବେ, କାରଣ ସଦାପ୍ରଭୁ ନ୍ୟାୟ ବିଚାରକାରୀ ପରମେଶ୍ୱର ଅଟନ୍ତି, ଯେଉଁମାନେ ତାହାଙ୍କ ପାଇଁ ଅପେକ୍ଷା କରନ୍ତି, ସେ ସମସ୍ତେ ଧନ୍ୟ ।''

**ମାଥିଉ ୧୧:୨୮-୩୦** ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ , ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି, ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ, ଯେଣୁ ମୋହର ଯୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।

- କେଉଁ ଉକ୍ତିଟି ସତ୍ୟ ? କେବଳ ଗୋଟିଏ ବାଛନ୍ତୁ ।

__________ ଈଶ୍ୱର ସର୍ବଦା ବ୍ୟସ୍ତ ଅଛନ୍ତି ଏବଂ ଆମ୍ଭମାନଙ୍କର ବଡ଼ ସମସ୍ୟାଗୁଡିକରେ ହିଁ ସେ ବ୍ୟତିବ୍ୟସ୍ତ ହେବାକୁ ଇଚ୍ଛା କରନ୍ତି ।

__________ ଆମ୍ଭେମାନେ ପ୍ରାର୍ଥନାରେ ତାହାଙ୍କ ନିକଟକୁ ଆସିବାକୁ ଈଶ୍ୱର ସର୍ବଦା ଅପେକ୍ଷା କରନ୍ତି, ସେ ଆମ୍ଭମାନଙ୍କ ପ୍ରତ୍ୟେକ ବିଷୟରେ ତାଙ୍କର ଯତ୍ନ, ପ୍ରେମ ଏବଂ ଦୟା ପ୍ରକାଶ କରିବାକୁ ଇଚ୍ଛା କରନ୍ତି ।

**ପ୍ରଶ୍ନ-୨, ଯିରିମିୟ ୨୯:୧୨-୧୩**

''ପୁଣି, ତୁମ୍ଭେମାନେ ଆମ୍ଭଙ୍କୁ ଆହ୍ୱାନ କରିବ ଓ ଯାଇ ଆମ୍ଭ ନିକଟରେ ପ୍ରାର୍ଥନା କରିବ, ତହିଁରେ ଆମ୍ଭେ ତୁମ୍ଭମାନଙ୍କ କଥାରେ ମନୋ ଯୋଗ କରିବା । ଆଉ, ତୁମ୍ଭେମାନେ ଆମ୍ଭଙ୍କୁ ଅନ୍ୱେଷଣ କରିବ ଓ ସର୍ବାନ୍ତଃକରଣ ସହିତ ଆମ୍ଭଙ୍କୁ ଖୋଜିଲେ ଆମ୍ଭର ଉଦ୍ଦେଶ୍ୟ ପାଇବ ।

**ଗୀତସଂହିତା ୩୪:୧୫**

ଧାର୍ମିକମାନଙ୍କ ପ୍ରତି ସଦାପ୍ରଭୁଙ୍କର ଦୃଷ୍ଟି ଅଛି ଓ ସେମାନଙ୍କ ଆର୍ତ୍ତନାଦ ପ୍ରତି ତାହାଙ୍କର କର୍ଣ୍ଣ ଅଛି । ଏହି ସମସ୍ତ ସ୍ମରଣ କରାଇ ଦିଏ ଯେ ଈଶ୍ୱର ଆମ୍ଭମାନଙ୍କ ପ୍ରାର୍ଥନା ________________ ।

**ପ୍ରଶ୍ନ-୧ମ, ପିତର ୫:୭**

"ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।"

ଆମ୍ଭମାନଙ୍କର ଚିନ୍ତା, ଭୟ, ବ୍ୟସ୍ତତା ଏବଂ ସମସ୍ୟା ସମୟରେ ଆମ୍ଭେମାନେ କ'ଣ କରିବା ପାଇଁ ପିତର ଉତ୍ସାହିତ କରନ୍ତି ? ________________

**ପ୍ରଶ୍ନ-୪, ମାଥିଉ-୧୮:୨୦**

କାରଣ ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ ନାମରେ ଏକତ୍ର ହୁଅନ୍ତି ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି । ଯେତବେଳେ ଅନେକ ଲୋକମାନେ ଏକତ୍ରିତ ହୋଇ ପ୍ରାର୍ଥନା କରନ୍ତି ଯୀଶୁ କ'ଣ କହି ପ୍ରତିଜ୍ଞା କରିଅଛନ୍ତି ?

________________

କିଭଳି ଭାବରେ ପ୍ରାର୍ଥନା କରିବା ଏବଂ ପ୍ରଭୁ ଯୀଶୁଖ୍ରୀଷ୍ଟ ପିତାଙ୍କ ନିକଟରେ ଏ ପୃଥିବୀରେ ଗମନାଗମନ କଲା ସମୟରେ କିପରି ପ୍ରାର୍ଥନା କଲେ, ବାଇବଲ ବିସ୍ତୃତ ଭାବେ ଜଣାଏ, ଏହା ମଧ୍ୟ ଈଶ୍ୱର ଆମ୍ଭମାନଙ୍କ ମଧ୍ୟରେ ଯେଉଁସବୁ ବିଷୟ ଆମେ ପ୍ରାର୍ଥନାରେ ଜଣାଇଥାଏ ଏବଂ ଆମ୍ଭମାନଙ୍କର ପ୍ରାର୍ଥନାର ଉତ୍ତର ପାଇବା ନିମନ୍ତେ କଠିନ ହୋଇଥାଏ । ଆସନ୍ତୁ ଆଗାମୀ ଅଧ୍ୟାୟରେ ପ୍ରାର୍ଥନା ପ୍ରତି ସାହାଯ୍ୟ ଓ ପ୍ରାର୍ଥନାରେ ବାଧା ହେଉଥିବା ବିଷୟ ଉଭୟକୁ ଦୃଷ୍ଟିପାତ କରିବା ପ୍ରାର୍ଥନାର ଉତ୍ତମ ପାଇବା ନିମନ୍ତେ ନିଶ୍ଚିତତା । ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରିବାକୁ ଆମ୍ଭମାନଙ୍କୁ କ'ଣ ସାହାର୍ଯ୍ୟ କରିଥାଏ ।

❑ ❑ ❑

# ପାଠ-୪

# ପ୍ରାର୍ଥନାର ଉତ୍ତର ପାଇଁ ନିଶ୍ଚିତତା

## ଭାଗ - ୨ : ଈଶ୍ୱରଙ୍କୁ ପ୍ରାର୍ଥନା କରିବା ପାଇଁ କ'ଣ ଆମମାନଙ୍କୁ ସାହାଯ୍ୟ କରେ ?

**ପ୍ରଶ୍ନ-୧, ଗୀତସଂହିତା ୫:୧-୩**

ହେ ମହାପ୍ରଭୁ, ମୋ ବାକ୍ୟରେ କର୍ଣ୍ଣ ଦିଅ, ମୋହର କାକୁକ୍ତି ବିବେଚନା କର । ହେ ମୋହର ରାଜନ୍, ହେ ମୋହର ପରମେଶ୍ୱର, ମୋହର ଆର୍ତ୍ତରବରେ ମନୋଯୋଗ କର; କାରଣ ତୁମ୍ଭ ନିକଟରେ ମୁଁ ପ୍ରାର୍ଥନା କରେ । ହେ ସଦାପ୍ରଭୁ, ତୁମ୍ଭେ ପ୍ରାତଃକାଳରେ ମୋହର ରବ ଶୁଣିବ; ମୁଁ ପ୍ରାତଃ କାଳରେ ତୁମ୍ଭ ଉଦ୍ଦେଶ୍ୟରେ ଆପଣା ପ୍ରାର୍ଥନା ସଜାଇବି ଏ ଜଗି ରହିବ ।

**ଯିଶାଇୟ ୫୦:୪-୫**

ମୁଁ ଯେପରି କ୍ଳାନ୍ତ ଲୋକକୁ ବାକ୍ୟ ଦ୍ୱାରା ସୁସ୍ଥିର କରିପାରିବି, ଏଥିପାଇଁ ପ୍ରଭୁ, ସଦାପ୍ରଭୁ ମୋତେ ଶିକ୍ଷିତ ଲୋକମାନଙ୍କର ଜିହ୍ୱା ଦେଇଅଛନ୍ତି; ସେ ପ୍ରତି ପ୍ରଭାତ ଜାଗ୍ରତ କରାନ୍ତି, ଶିକ୍ଷିତ ଲୋକ ପରି ଶୁଣିବା ପାଇଁ ସେ ମୋହର କର୍ଣ୍ଣକୁ ଜାଗ୍ରତ କରାନ୍ତି । ପ୍ରଭୁ, ସଦାପ୍ରଭୁ ମୋହର କର୍ଣ୍ଣ ଫିଟାଇଅଛନ୍ତି, ପୁଣି ମୁଁ ବିରୁଦ୍ଧାଚାରୀ ହୋଇନାହିଁ, କି ଅବା ପଛକୁ ଫେରି ନାହିଁ ।

- ଏହି ପଦଗୁଡିକ ଆମ୍ଭମାନଙ୍କୁ ପରାମର୍ଶ ଦିଏ ଯେ ପ୍ରାର୍ଥନାରେ ଈଶ୍ୱରଙ୍କୁ ଅନ୍ୱେଷଣ କରିବାର ଉପଯୁକ୍ତ ସମୟଟି ________________________________

________________________________________________

**ପ୍ରଶ୍ନ-୨, ମାର୍କ ୧:୩୫ ପଢନ୍ତୁ**

''ପାହାନ୍ତିଆ ସମୟରେ ଅନ୍ଧାର ଥାଉ ଥାଉ ସେ ଉଠି ବାହାରିଗଲେ ଓ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ଯାଇ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ ।''

ଏହି ପଦ ଏବଂ ନୂତନ ନିୟମରେ ଅନେକଗୁଡିକର ଆମ୍ଭେମାନେ ଅଧ୍ୟୟନ କରୁ ଯେ ଦିବସରେ ଯେଉଁ ସମୟରେ ପ୍ରଭୁ ଯୀଶୁ ଈଶ୍ୱରଙ୍କ ସହ ସାକ୍ଷାତ କରୁଥିଲେ ।

________________________________________________

________________________________________________

**ପ୍ରଶ୍ନ-୩, ମାଥିଉ ୬:୬ ପଢନ୍ତୁ**

କିନ୍ତୁ ତୁମ୍ଭେ ପ୍ରାର୍ଥନା କରିବା ସମୟରେ ତୁମ୍ଭର ଗୁପ୍ତ କୋଠରିରେ ପ୍ରବେଶ କର, ପୁଣି ତୁମ୍ଭର ଦ୍ୱାର ରୁଦ୍ଧକରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁରେ ପ୍ରାର୍ଥନା କର; ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭକୁ ଫଳ ଦେବେ ।

ଏହି ପଦ ଏବଂ ମାର୍କ-୧:୩୫ରେ ଆମ୍ଭେମାନେ ଦେଖୁଅଛୁ ଯେ ପ୍ରତିଦିନ ଈଶ୍ୱରଙ୍କ ସହିତ ________________ରେ ଆମ୍ଭେମାନେ କିଛି ସମୟ ବିତେଇବା ନିମନ୍ତେ ଯୀଶୁ ଆମ୍ଭମାନଙ୍କୁ ଶିଖାଇଅଛନ୍ତି ।

**ପ୍ରଶ୍ନ-୪, ମାଥିଉ ୧୮:୨୦**

"କାରଣ ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି ।"

- ଏହି ପଦ ଆମ୍ଭମାନଙ୍କୁ ଜଣାଏ ଯେ ବିଶେଷ ଆଶିର୍ବାଦ ରହିଅଛି ଯେତେବେଳେ ପ୍ରାର୍ଥନାରେ ଆମ୍ଭେମାନେ ଅନ୍ୟମାନଙ୍କ ସହିତ ________________ ଦେଇଥାଉଁ ।

**ପ୍ରଶ୍ନ-୫, ମାଥିଉ ୭:୭-୧୧ ପଢନ୍ତୁ**

ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ, ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇଦିଆଯିବ । କାରଣ ଯେକେହି ମାଗେ, ସେ ପାଏ; ଯେ ଖୋଜେ, ସେ ସନ୍ଧାନ ପାଏ; ଆଉ, ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇଦିଆଯାଏ । କିମ୍ୱା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି, ଯେ ନିଜ ପୁଅ ରୋଟୀ ମାଗିଲେ ତାହାକୁ ପଥର ଦେବ, କି ଅବା ମାଛ ମାଗିଲେ ତାହାକୁ ସାପ ଦେବ ? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ ।

**ଲୂକ ୧୮:୧-୮ ପଢନ୍ତୁ**

କ୍ଳାନ୍ତ ନ ହୋଇ ସର୍ବଦା ପ୍ରାର୍ଥନା କରିବା ଯେ କର୍ତ୍ତବ୍ୟ, ଏ ବିଷୟରେ ସେମାନଙ୍କୁ ଦୃଷ୍ଟାନ୍ତ ଦେଇ କହିଲେ, ଗୋଟିଏ ନଗରରେ ଜଣେ ବିଚାରକର୍ତ୍ତା ଥିଲେ; ସେ ଈଶ୍ୱରଙ୍କୁ ଭୟ କରୁ ନ ଥିଲେ କି ମନୁଷ୍ୟକୁ ମାନୁ ନ ଥିଲେ । ସେହି ନଗରରେ ଜଣେ ବିଧବା ଥିଲା ସେ ଥରକୁ ଥର ତାଙ୍କ ନିକଟକୁ ଯାଇ କହୁଥିଲା, ମୋହର ବିବାଦିର ଅନ୍ୟାୟର ପ୍ରତିକାର କରନ୍ତୁ ।

ଆଉ, ସେ କେତେ ସମୟ ପର୍ଯ୍ୟନ୍ତ ସମ୍ମତ ହେଉ ନ ଥିଲେ, କିନ୍ତୁ ପରେ ସେ ମନେ ମନେ କହିଲେ, ଯଦ୍ୟପି ମୁଁ ଈଶ୍ୱରଙ୍କୁ ଭୟକରେ ନାହିଁ କିମ୍ୱା ମନୁଷ୍ୟକୁ ମାନେ ନାହିଁ, ତଥାପି ଏହି ବିଧବାଟା ମୋତେ କଷ୍ଟ ଦେଉଥିବାରୁ ମୁଁ ତାହା ପ୍ରତି କୃତ ଅନ୍ୟାୟର ପ୍ରତିକାର କରିବି ନୋହିଲେ ସେ ସବୁବେଳେ ଆସି ମୋତେ ବ୍ୟତିବ୍ୟସ୍ତ କରୁଥିବ ।

ସେଥିରେ ପ୍ରଭୁ କହିଲେ, ଏହି ଅଧାର୍ମିକ ବିଚାରକର୍ତ୍ତା କ'ଣ କହୁଅଛନ୍ତି, ତାହା ଶୁଣ, ତେବେ ଈଶ୍ୱରଙ୍କ ଯେଉଁ ମନୋନୀତ ଲୋକମାନେ ଦିବାରାତ୍ର ତାହାଙ୍କୁ ଡାକୁଥାଆନ୍ତି, ସେ କି ସେମାନଙ୍କ ପ୍ରତି କୃତ ଅନ୍ୟାୟର

ପ୍ରତିକାର କରିବେ ନାହିଁ । ଯଦ୍ୟପି ସେ ସେମାନଙ୍କ ଶତ୍ରୁମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି ? ମୁଁ ତୁମ୍ଭମାନଙ୍କୁ କହୁଅଛି, ସେ ଶିଘ୍ର ସେମାନଙ୍କ ପ୍ରତି କୃତ ଅନ୍ୟାୟର ପ୍ରତିକାର କରିବେ । ତଥାପି ମନୁଷ୍ୟ ପୁତ୍ର ଆସି ପୃଥିବୀରେ କ'ଣ ବିଶ୍ୱାସ ଦେଖିବେ ?

- ଯଦି ଆମ୍ଭେ ପ୍ରାର୍ଥନା କରୁ ଏବଂ ଉତ୍ତର ମିଳୁ ନ ଥିବା ପରି ଜଣାଗଲେ, ଆମ୍ଭେମାନେ କ'ଣ କରିବା ଉଚିତ୍ ।

---

---

**ପ୍ରଶ୍ନ-୬, ୧ମ ଥେସଲନୀକୀୟ ୫:୧୬-୧୮ ପଢନ୍ତୁ**

"ସର୍ବଦା ଆନନ୍ଦ କର; ନିରନ୍ତର ପ୍ରାର୍ଥନା କର; ସବୁ ଅବସ୍ଥାରେ ଧନ୍ୟବାଦ ଦିଅ; କାରଣ ତୁମ୍ଭମାନଙ୍କ ବିଷୟରେ ଖ୍ରୀଷ୍ଟଯୀଶୁଙ୍କଠାରେ ଏହା ଈଶ୍ୱରଙ୍କ ଅଭିମତ ।"

**ହିତୋପଦେଶ ୩:୫-୬ ପଢନ୍ତୁ**

ତୁମ୍ଭେ ସର୍ବାନ୍ତଃକରଣ ସହିତ ସଦା ପ୍ରଭୁଙ୍କ ଠାରେ ବିଶ୍ୱାସ କର ଓ ନିଜ ସୁବିବେଚନାରେ ଆଉଜି ପଡ ନାହିଁ । ଆପଣାର ସବୁ ଗତିରେ ତାହାଙ୍କୁ ସ୍ୱୀକାର କର; ତହିଁରେ ସେ ତୁମ୍ଭର ପଥ ସବୁ ସରଳ କରିବେ ।

**ଗୀତସଂହିତା ୧୧୯:୧୬୪ ପଢନ୍ତୁ**

"ତୁମ୍ଭର ଧର୍ମମୟ ଶାସନ ସକାଶୁ ମୁଁ ଦିନ ମଧ୍ୟରେ ସାତଥର ତୁମ୍ଭର ପ୍ରଶଂସା କରେ ।"

ଏହି ପଦଗୁଡିକ ଜଣାଏ ଯେ ଆମ୍ଭେମାନେ ପ୍ରାର୍ଥନାର ଅଭ୍ୟାସରେ ବୃଦ୍ଧି ପାଇଲେ ଆମ୍ଭମାନଙ୍କ ଦିନଗୁଡିକ ଈଶ୍ୱରଙ୍କ ସହିତ ଘନିଷ୍ଠ ଭାବରେ ରହିବାକୁ ଏବଂ ତାହାଙ୍କ ସହ ନିରନ୍ତର ସହଭାଗି ହେବା ନିମନ୍ତେ ସାହାଯ୍ୟ କରେ ।

ଏହି ପଦଗୁଡିକର କିଛି ସମୟ ଧ୍ୟାନକରନ୍ତୁ ଏବଂ ନିଜ ଜୀବନର ସମୟ ନିର୍ଘଣ୍ଟକୁ ଚିନ୍ତା କରନ୍ତୁ । ଏହି ପଦଗୁଡିକ ମଧ୍ୟରୁ ଗୋଟିଏ କେଉଁ ପ୍ରକାର ଭାବରେ ପ୍ରୟୋଗ କରାଯାଇପାରିବ, ଈଶ୍ୱରଙ୍କଠାରେ ପ୍ରାର୍ଥନା ଅଭ୍ୟସ୍ତ ରହିବାକୁ ତୁମ୍ଭକୁ ସାହାଯ୍ୟ କରେ ।

**ପ୍ରାର୍ଥନା ପ୍ରତି ସାହାଯ୍ୟର ସାଂରାଂଶ :**

୧. ପ୍ରତିଦିନ ଈଶ୍ୱରଙ୍କ ସହିତ ଏକାନ୍ତରେ ପ୍ରାର୍ଥନାରେ ସମୟ ବିତେଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । (ପ୍ରାତଃ ସମୟ ବିଶେଷ ଉପଯୁକ୍ତ ସମୟ)

୨. ଈଶ୍ୱରଙ୍କ ଉପସ୍ଥିତରେ ଧନ୍ୟବାଦ ଓ ପ୍ରଶଂସା ସହିତ ଆସନ୍ତୁ ।

୩. ଯଦି ଆପଣଙ୍କ ପ୍ରାର୍ଥନା ଶିଘ୍ର ଉତ୍ତର ମିଳୁ ନ ଥିବା ପରି ଜଣାଗଲେ ଶିଘ୍ର ଛାଡନ୍ତି ନାହିଁ, ପ୍ରାର୍ଥନା ଚାଲୁ ରଖନ୍ତୁ, କେତେ କେତେବେଳେ ପ୍ରାର୍ଥନାର ଉତ୍ତର ପାଇବାକୁ ଆମ୍ଭମାନଙ୍କୁ ବର୍ଷ ବର୍ଷ ପ୍ରାର୍ଥନା କରିବାକୁ ପଡିଥାଏ ।

୪. ପ୍ରତିଦିନର କାର୍ଯ୍ୟକ୍ରମ ମଧ୍ୟରେ ନିରନ୍ତର ପ୍ରାର୍ଥନାରେ ଚାଲିବାକୁ ଶିକ୍ଷା ଗ୍ରହଣ କରନ୍ତୁ ।

୫. ଅନ୍ୟ ବିଶ୍ୱାସୀମାନଙ୍କ ସହିତ ନିୟମିତ ଭାବରେ ପ୍ରାର୍ଥନା କରିବା ନିମନ୍ତେ ଏକ ସମୟ ନିରୁପଣ କରି ଆରମ୍ଭ କରନ୍ତୁ ।

୬. ଆପଣଙ୍କ ପ୍ରାର୍ଥନାରେ ବାଧା ସୃଷ୍ଟି ହେଉଥିଲେ ଈଶ୍ୱର ଆପଣଙ୍କୁ ଜଣାନ୍ତୁ ବୋଲି ପ୍ରାର୍ଥନା କରନ୍ତୁ ଏବଂ ଆପଣଙ୍କୁ ସଂଶୋଧନ କରିବାରେ ସାହାଯ୍ୟ କରନ୍ତୁ ।

❑ ❑ ❑

# ପାଠ-୪
# ପ୍ରାର୍ଥନାର ଉତ୍ତର ନିମନ୍ତେ ନିଶ୍ଚିତତା

**ଭାଗ-୩ : ବିଭିନ୍ନ ପ୍ରକାରର ପ୍ରାର୍ଥନା**

**ପ୍ରଶ୍ନ-୧, ଫିଲିପ୍‌ପୀୟ ୪:୪-୯ ପଢନ୍ତୁ**

ସର୍ବଦା ପ୍ରଭୁଙ୍କଠାରେ ଆନନ୍ଦକର, ପୁନଶ୍ଚ କହୁଅଛି, ଆନନ୍ଦକର । ତୁମ୍ଭମାନଙ୍କର ମୃଦୁପଣ ସମସ୍ତ ଲୋକଙ୍କ ନିକଟରେ ପ୍ରକାଶିତ ହେଉ । ପ୍ରଭୁ ନିକଟବର୍ତ୍ତୀ । କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତୀ ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କର ନିକଟରେ ଜଣାଅ । ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ । ଅବଶେଷରେ, ହେ ଭାତୃଗଣ, ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ, ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ପ୍ରତିଭାଜନ, ଯାହା ଯାହା ସୁଖ୍ୟାତି ଯୁକ୍ତ, ଯେ କୌଣସି ସଦ୍‌ଗୁଣ ଓ ପ୍ରଶଂସାର ବିଷୟଥାଏ । ସେହି ସମସ୍ତ ବିଷୟ ଚିନ୍ତା କର । ତୁମ୍ଭେମାନେ ଯେ ସମସ୍ତ ବିଷୟ ମୋ ଠାରୁ ଶିଖିଅଛ, ପାଇଅଛ, ଶୁଣିଅଛ ଓ ମୋଠାରେ ଦେଖିଅଛ, ସେହି ସବୁ କର, ସେଥିରେ ଶାନ୍ତିଦାତା ଈଶ୍ୱର ତୁମ୍ଭମାନଙ୍କର ସହବର୍ତ୍ତୀ ହେବେ ।

ଅନେକଗୁଡିଏ ବିଭିନ୍ନ ପ୍ରକାରର ପ୍ରାର୍ଥନା ତାଲିକା କର ?

___

___

___

ଆମ୍ଭେ ପ୍ରାର୍ଥନା କରିବା ଦ୍ୱାରା ଈଶ୍ୱରଠାରୁ କି ଦାନ ପାଇଥାଉ (ପଦ-୭) ?

**ପ୍ରଶ୍ନ-୨, ରୋମୀୟ ୮:୨୬-୨୭ ପଢନ୍ତୁ**

ଆଉ, ସେହି ପ୍ରକାରେ ଆତ୍ମ ମଧ୍ୟ ଆମ୍ଭମାନଙ୍କ ଦୁର୍ବଳତାରେ ସାହାଯ୍ୟ କରନ୍ତି; କାରଣ କଅଣ ପ୍ରାର୍ଥନା କରିବା ଉଚିତ୍, ତାହା ଆମ୍ଭେମାନେ ଜାଣୁନାହୁଁ, କିନ୍ତୁ ଆତ୍ମା ସ୍ୱୟଂ ଅକଥନୀୟ ଆର୍ତ୍ତନାଦରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି, ପୁଣି, ଯେ ଆମ୍ଭମାନଙ୍କ ହୃଦୟ ଅନୁସନ୍ଧାନ କରନ୍ତି, ସେ ଆତ୍ମାଙ୍କ ଭାବ କ'ଣ, ତାହା ଜାଣନ୍ତି, କାରଣ ସେ ଈଶ୍ୱରଙ୍କ ଇଚ୍ଛାନୁସାରେ ସାଧୁମାନଙ୍କ ନିମନ୍ତେ ନିବେଦନ କରନ୍ତି ।

ଆମ୍ଭେମାନେ ସର୍ବଦା କ'ଣ ପ୍ରାର୍ଥନା କରିବା ଏବଂ କେମିତି ପ୍ରାର୍ଥନା କରିବା ଜାଣି ନ ଥାଉଁ ?

କିଏ ଆମ୍ଭମାନଙ୍କୁ ପ୍ରାର୍ଥନା କରିବାରେ ସାହାଯ୍ୟ କରିପାରନ୍ତି ?

___

___

**କେତେଗୁଡ଼ିଏ ବିଶେଷ ଧରଣର ପ୍ରାର୍ଥନା :**

୧. ଈଶ୍ୱରଙ୍କୁ ଧନ୍ୟବାଦ ଦେବା - ସେ ଆମ୍ଭମାନଙ୍କ ପ୍ରତି ଯାହା କରିଛନ୍ତି ଏବଂ ଆମ୍ଭ ଜୀବନରେ ଯାହା କରୁଅଛନ୍ତି ।

୨. ଈଶ୍ୱରଙ୍କୁ ପ୍ରଶଂସା ଓ ଉପାସନା କରିବା କାରଣ ସେ ମହାନ ଓ ଆଶ୍ଚର୍ଯ୍ୟ ଅଟନ୍ତି । ପ୍ରଶଂସା ଓ ଉପାସନାର ଆଉ କିଛି ଉପାଦାନ ତାଙ୍କ ବିଶ୍ୱସ୍ତତା, ତାଙ୍କ ପବିତ୍ରତା, ତାଙ୍କ ପ୍ରେମ ଏବଂ ଅନୁଯୋଗ, ତାଙ୍କର ମହାନ ଜ୍ଞାନ ଏବଂ ବୃଦ୍ଧି ତାଙ୍କ ସୃଷ୍ଟିର ଆଶ୍ଚର୍ଯ୍ୟ ତାଙ୍କ ପୁତ୍ର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦେଇ ଦାନ ସବୁ, ତାଙ୍କ କ୍ଷମା ଏବଂ ଦୟା ତାଙ୍କର ଉତ୍ତମତା ଏବଂ ଭଦ୍ରତା ନିମନ୍ତେ ହୋଇପାରେ ।

୩. ଈଶ୍ୱରଙ୍କୁ ଆମ୍ଭମାନଙ୍କ ଜୀବନର ଘଟଣାବଳୀ ଜଣାଇବା ଆମ୍ଭମାନଙ୍କର ବିଶେଷ ଚାହିଦା ଏବଂ ଆବଶ୍ୟକତା ତାଙ୍କ ନିକଟରେ କହିବା ।

୪. ଈଶ୍ୱରଙ୍କୁ ତାଙ୍କ ବାକ୍ୟ ବାଇବଲ ସମ୍ବନ୍ଧରେ କଥା କହିବା, ବୁଝିବା ଏବଂ ଆମ୍ଭମାନଙ୍କ ଜୀବନରେ ତାଙ୍କର ମାର୍ଗଦର୍ଶନ ଜାଣିବା ନିମନ୍ତେ ଅନ୍ୱେଷଣ କରିବା ।

୫. ଅନ୍ୟାନ୍ୟ ଲୋକମାନଙ୍କର ପରିତ୍ରାଣର ଆବଶ୍ୟକତା, ସୁସ୍ଥତା ଏବଂ ବନ୍ଧନ ମୁକ୍ତ ହେବା ବିଷୟରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା (ଅନ୍ୟମାନଙ୍କର ବିଷୟରେ ନିବେଦନ କରିବା)

୬. ଆମ୍ଭେମାନେ କରିଥିବା ଭୁଲ୍ ବିଷୟରେ ଈଶ୍ୱରଙ୍କୁ କହିବା ଏବଂ କ୍ଷମା ପ୍ରାର୍ଥନା କରିବା (ପାପସ୍ୱୀକାର)

୭. ଅନ୍ଧକାରର କର୍ତ୍ତାପଣ ଉପରେ ଆତ୍ମିକ ଅଧିକାର ସାବ୍ୟସ୍ତ କରିବା, ପ୍ରଭୁ ଯୀଶୁଙ୍କର କ୍ରୁଶିୟ ମୃତ୍ୟୁ ଏବଂ ପୁନଃରୁତ୍‌ଥାନ ଦ୍ୱାରା ଜୟଯୁକ୍ତ ହେବା (ଆତ୍ମିକ ଯୁଦ୍ଧ)

୮. ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଜୀବନ କାଟିବା ନିମନ୍ତେ ପବିତ୍ର ଆତ୍ମାଙ୍କର ଶକ୍ତି ଏବଂ ଜ୍ଞାନରେ ଆମ୍ଭମାନଙ୍କୁ ପୂର୍ଣ୍ଣ କରିବା ନିମନ୍ତେ ଈଶ୍ୱରଙ୍କଠାରେ ନିବେଦନ କରିବା ।

❑ ❑ ❑

# ପାଠ-୪
# ପ୍ରାର୍ଥନାର ଉତ୍ତର ନିମନ୍ତେ ନିଶ୍ଚିତତା

**ଭାଗ-୪ ଆମ୍ଭମାନଙ୍କ ପ୍ରାର୍ଥନା ପ୍ରତି କେଉଁ ବିଷୟ ସବୁ ବାଧା ଦେଇଥାଏ ?**

ଏହି ତାଲିକା ବ୍ୟବହାର କରି ପ୍ରଶ୍ନ ୧ ରୁ ୬ ଯାଏଁ ଗୋଟିଏ ଉତ୍ତର ବାଛି ଲେଖନ୍ତୁ ।

| | |
|---|---|
| କ୍ଷମା ନ ଦେଇ ହୃଦୟ | ପାରିବାରିକ ସମସ୍ୟା |
| ଗର୍ବ | ଅସ୍ୱୀକୃତ ପାପ |
| ଭୁଲ୍ ଆଭିମୁଖ୍ୟ | ଭୁଲ୍ ଉଦ୍ଦେଶ୍ୟ |

**ପ୍ରଶ୍ନ-୧, ଯିଶାଇୟ ୫୯:୨ ପଢନ୍ତୁ**

"ମାତ୍ର ତୁମ୍ଭମାନଙ୍କର ଅପରାଧ ସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ ।

କ'ଣ ଆମ୍ଭମାନଙ୍କର ପ୍ରାର୍ଥନାରେ ବାଧା ଆଣେ ? ____________________

**ପ୍ରଶ୍ନ-୨, ଯାକୁବ ୪:୩ ପଢନ୍ତୁ**

"ତୁମ୍ଭେମାନେ ମାଗିଥାଅ, କିନ୍ତୁ ପାଇ ନ ଥାଅ, କାରଣ ଆପଣା ଆପଣା ସୁଖାଭିଳାଷରେ ବ୍ୟୟ କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ ।"

ଆମ୍ଭମାନଙ୍କ ପ୍ରାର୍ଥନାରେ କ'ଣ ବାଧା ଦେଇଥାଏ ? ____________________

**ପ୍ରଶ୍ନ-୩, ଯାକୁବ ୪:୬-୮ ପଢନ୍ତୁ**

କିନ୍ତୁ ସେ ମଧ୍ୟ ଅଧିକ ଅନୁଗ୍ରହ ଦାନ କରନ୍ତି; ଏଣୁ ଉକ୍ତ ଅଛି, "ଈଶ୍ୱର ଅହଂକାରୀମାନଙ୍କ ପ୍ରତିରୋଧ କରନ୍ତି, କିନ୍ତୁ ନମ୍ର ଲୋକମାନଙ୍କୁ ଅନୁଗ୍ରହ ଦାନ କରନ୍ତି । ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ, ଶୟତାନକୁ ପ୍ରତିବାଧାକର, ତାହାହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ । ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅ, ସେଥିବରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ । ହେ ପାପୀମାନେ, ତୁମ୍ଭମାନଙ୍କ ହସ୍ତ ଶୁଚି କର, ପୁଣି ହେ ଦ୍ୱିମନାମାନେ, ତୁମ୍ଭମାନଙ୍କ ହୃଦୟ ଶୁଦ୍ଧ କର ।

- କ'ଣ ଆମ୍ଭ ପ୍ରାର୍ଥନାରେ ବାଧା ଆଣେ ? ____________________

**ପ୍ରଶ୍ନ-୪, ୧ମ ପିତର ୩:୭ ପଢନ୍ତୁ**

ସେହି ପ୍ରକାରେ, ହେ ସ୍ୱାମୀମାନେ, ତୁମ୍ଭମାନଙ୍କ ପ୍ରାର୍ଥନାରେ ଯେପରି ବାଧା ନ ଜନ୍ମେ, ଏଥି ନିମନ୍ତେ ସ୍ତ୍ରୀମାନଙ୍କୁ ଅପେକ୍ଷାକୃତ ଦୁର୍ବଳା ପାତ୍ରୀ ଓ ଆପଣାମାନଙ୍କ ସହିତ ଜୀବନରୂପ ଅନୁଗ୍ରହଦାନର ସହାଧିକାରିଣୀ ଜାଣି ସେମାନଙ୍କୁ ସମାଦର କର ପୁଣି ଜ୍ଞାନରେ ସେମାନଙ୍କର ସହିତ ବାସ କର ।

- ଆମ୍ଭମାନଙ୍କ ପ୍ରାର୍ଥନା ସବୁରେ କିଏ ବାଧା ଆଣେ ? ____________________

ପ୍ରଶ୍ନ-୫, ମାଥିଉ ୬:୧୪-୧୫ ପଢନ୍ତୁ

କାରଣ ଯେବେ ଲୋକମାନଙ୍କର ଅପରାଧ ସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ, କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ ନାହିଁ ।

ପ୍ରଶ୍ନ-୬, ମାଥିଉ ୬:୩୩ ପଢନ୍ତୁ

''କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।''

- ଆମ୍ଭମାନଙ୍କ ପ୍ରାର୍ଥନାରେ କିଏ ବାଧା ଦିଏ ? ________

ପ୍ରଶ୍ନ-୭

ଆମ୍ଭେମାନେ ଯେତେବେଳେ ଏହି ସମସ୍ତ ବାଧାଗୁଡିକ ମଧ୍ୟରୁ ଗୋଟିଏ ଆମ ଜୀବନରେ ଚିହ୍ନିବା, ଆମ୍ଭେମାନେ କ'ଣ କରିବା ଉଚିତ୍ ବୋଲି ତୁମ୍ଭେମାନେ ଚିନ୍ତାକର ? ________

________

ପ୍ରାର୍ଥନାର ବାଧାଗୁଡିକୁ ଅପସାରଣ କରିବା (Removing The Hindrances to Prayer)

ପ୍ରଶ୍ନ-୮ ଗୀତସଂହିତା-୧୩୯:୨୩-୨୪ ପଢନ୍ତୁ

ହେ ପରମେଶ୍ୱର, ମୋହର ଅନୁସନ୍ଧାନ କର ଓ ମୋ ଅନ୍ତଃକରଣର ପରିଚୟ ନିଅ, ମୋତେ ପରୀକ୍ଷାକର ଓ ମୋହର ସଙ୍କଳ୍ପ ସବୁ ଜ୍ଞାତ ହୁଅ । ଆଉ, ମୋ ଅନ୍ତରରେ ଦୁଷ୍ଟତାର କୌଣସି ମାର୍ଗ ଅଛିକି ନାହିଁ, ଏହା ଦେଖ, ପୁଣି ଅନନ୍ତ ପଥରେ ମୋତେ ଗମନ କରାଅ ।

କିଏ ଆମ୍ଭମାନଙ୍କର ହୃଦୟର ଚିନ୍ତା, ବ୍ୟବହାର ଏବଂ ଉଦ୍ଦେଶକୁ ପରିବର୍ତ୍ତନ କରିବାକୁ ସମର୍ଥ ଅଟନ୍ତି ?

________

ସାରାଂଶରେ ଆମ୍ଭେମାନେ ଦେଖିଲୁ ଯେ ଈଶ୍ୱର ଏବଂ ଆମ୍ଭମାନଙ୍କ ମଧ୍ୟରେ ଥିବା ଉତ୍ତମ ସମ୍ପର୍କକୁ ଅନେକଗୁଡ଼ିଏ ବିଷୟ ହସ୍ତକ୍ଷେପ କରିଥାଏ । ଯଦି କିଛି ଆମ୍ଭମାନଙ୍କ ପ୍ରାର୍ଥନାରେ ବାଧା ସୃଷ୍ଟି କରୁଅଛି ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ପ୍ରାର୍ଥନା କରିବା ଏବଂ ସେ ତାହା ଜଣାଇବେ । ପାପ ବାଧା ଆଣିଥାଏ ବୋଲି ଆମ୍ଭେମାନେ ସ୍ୱୀକାର କରିବାକୁ ପଡିବ, ଜୀବନର ସେ ସମସ୍ତ ବିଷୟରେ ପରିବର୍ତ୍ତନ ସକାଶେ ପ୍ରଭୁଙ୍କଠାରେ ପ୍ରାର୍ଥନା କରିବା, ସେ ଆମ୍ଭମାନଙ୍କର ହୃଦୟ ଚିନ୍ତା ଏବଂ ଉଦ୍ଦେଶ୍ୟକୁ ଈଶ୍ୱରଙ୍କ ନିକଟରେ ପରିବର୍ତ୍ତନ କରିବା ନିମନ୍ତେ ସେ ସକ୍ଷମ ଅଟନ୍ତି ।

ମନେରଖ :

କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସଙ୍କଳ୍ପର ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି । ଫିଲିପ୍ପୀୟ-୨:୧୩

❑ ❑ ❑

# ପାଠ-୫

# ଈଶ୍ୱରଙ୍କ ବାକ୍ୟ ବାଇବଲ ଆମ୍ଭେମାନେ ଅଧ୍ୟୟନ କରିବା ଆବଶ୍ୟକ

**ପ୍ରଶ୍ନ-୧, ଗୀତସଂହିତା ୧୧୯:୧୦୨-୧୦୫ ପଢନ୍ତୁ**

ମୁଁ ତୁମ୍ଭ ଶାସନରୁ ବିମୁଖ ହୋଇନାହିଁ; କାରଣ ତୁମ୍ଭେ ମୋତେ ଶିକ୍ଷା ଦେଇଅଛ । ମୋ' ତୁଣ୍ଡକୁ ତୁମ୍ଭ ବାକ୍ୟ କିପରି ମଧୁର । ହଁ, ମୋ' ମୁଖକୁ ତାହା ମଧୁ ଅପେକ୍ଷା ମଧୁର । ତୁମ୍ଭ ବିଧାନ ଦ୍ୱାରା ମୁଁ ବୁଦ୍ଧିପ୍ରାପ୍ତ ହୁଏ; ଏଥିପାଇଁ ମୁଁ ମିଥ୍ୟା ପଥ ଘୃଣା କରେ । ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ ।

________________ ଜାଣିବା ଦ୍ୱାରା ଆମ୍ଭମାନଙ୍କୁ ଭୁଲ ପଥ କିମ୍ବା ପାପ ପଥରେ ସାହାଯ୍ୟ କରେ ?

ଏହା ଆମ୍ଭମାନଙ୍କୁ ଈଶ୍ୱରଙ୍କ ଧାର୍ମିକତାରେ ଚାଲିବାକୁ ଓ ତାହାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଧାର୍ମିକ ପଥରେ ଚାଲିବା ନିମନ୍ତେ ________________ ସାହାଯ୍ୟ କରେ ?

**ପ୍ରଶ୍ନ-୨, ଗୀତସଂହିତା ୧୧୯:୯-୧୧ ପଢନ୍ତୁ**

''ଯୁବା ମନୁଷ୍ୟ କି ପ୍ରକାରେ ଆପଣା ପଥ ପରିଷ୍କାର କରିବ ? ତୁମ୍ଭ ବାକ୍ୟାନୁଯାୟୀ ତହିଁ ବିଷୟରେ ସାବଧାନ ହେଲେ କରିବ । ମୁଁ ସର୍ବାନ୍ତଃକରଣରେ ତୁମ୍ଭଙ୍କୁ ଖୋଜିଅଛି, ମୋତେ ତୁମ୍ଭ ଆଜ୍ଞାପଥରୁ ଭ୍ରମିବାକୁ ଦିଅ ନାହିଁ । ମୁଁ ଯେପରି ତୁମ୍ଭ ବିରୁଦ୍ଧରେ ପାପ ନ କରେ, ଏଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ।''

ଏହି ପଦଗୁଡିକ ଆମ୍ଭମାନଙ୍କୁ ଜଣାଏ ଯେ ନିଜକୁ ପବିତ୍ର ଓ ଈଶ୍ୱରଙ୍କ ବିରୁଦ୍ଧରେ ଯେପରି ପାପ ନ କରୁ ବାକ୍ୟର ଗୁରୁତ୍ୱ ଜାଣିବାରେ ସାହାଯ୍ୟ କରେ, ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି ଏହା ଗୀତ ରଚକ କହିବା ଦ୍ୱାରା ଆପଣ କ'ଣ ଚିନ୍ତା କରନ୍ତି । ________________

________________

**ପ୍ରଶ୍ନ-୩, ଗୀତସଂହିତା ୧୧୯:୮୯-୯୧ ପଢନ୍ତୁ**

''ହେ ସଦାପ୍ରଭୁ, ତୁମ୍ଭ ବାକ୍ୟ ଅନନ୍ତକାଳ ନିମନ୍ତେ ସ୍ୱର୍ଗରେ ସଂସ୍ଥାପିତ ଅଛି । ତୁମ୍ଭର ବିଶ୍ୱସ୍ତତା ପୁରୁଷାନୁକ୍ରମରେ ସ୍ଥାୟୀ, ତୁମ୍ଭେ ପୃଥିବୀ କି ସଂସ୍ଥାପନ କରିଅଛ ଓ ତାହା ସୁସ୍ଥିର ଥାଏ । ତୁମ୍ଭ ଶାସନାନୁସାରେ ଅଦ୍ୟାପି ସକଳ ସୁସ୍ଥିର କାରଣ ସମସ୍ତେ ତୁମ୍ଭର ଦାସ ।''

- ଈଶ୍ୱରଙ୍କ ବାକ୍ୟ କେତେ କାଳ ରହିପାରେ ? ________________

________________

- ଆପଣଙ୍କ ଭାବନାରେ ଈଶ୍ୱରଙ୍କ ବାକ୍ୟ ବାଇବଲଠାରୁ ଅନ୍ୟ କୌଣସି ବିଷୟ ଏ ପୃଥିବୀରେ ଅଧିକ ସମୟ ରହିଅଛି କି ?

________________

**ପ୍ରଶ୍ନ-୪, ଗୀତସଂହିତା ୧୧୯:୯୪-୯୫, ୯୮, ୧୧୦, ୧୧୪-୧୧୫ ପଢନ୍ତୁ**

ମୋତେ ତ୍ରାଣକର, ମୁଁ ତୁମ୍ଭର କାରଣ ମୁଁ ତୁମ୍ଭର, ବିଧାନ ସବୁ ଅନ୍ୱେଷଣ କରିଅଛି, ଦୁଷ୍ଟମାନେ ମୋତେ ବିନାଶ କରିବା ପାଇଁ ଚାହିଁ ରହିଅଛନ୍ତି, ମାତ୍ର ମୁଁ ତୁମ୍ଭର ପ୍ରମାଣ ବାକ୍ୟ ବିବେଚନା କରିବି । ତୁମ୍ଭ ଆଜ୍ଞାସବୁ ମୋତେ ମୋ ଶତ୍ରୁ ଗଣଠାରୁ ଅଧିକ ଜ୍ଞାନବାନ୍ କରେ, କାରଣ ତାହାସବୁ ନିରନ୍ତର ମୋ ସଙ୍ଗେ ଥାଏ । ଦୁଷ୍ଟମାନେ ମୋ ପାଇଁ ଫାନ୍ଦ ପାତି ଅଛନ୍ତି । ତଥାପି ମୁଁ ତୁମ୍ଭ ବିଧାନରୁ ବିପଥଗାମୀ ହେଲି ନାହିଁ । ତୁମ୍ଭେ ମୋ ଲୁଚିବାର ସ୍ଥାନ ଓ ମୋହର ଢାଲ, ମୁଁ ତୁମ୍ଭ ବାକ୍ୟରେ ଭରସା କରେ । ହେ କୁକର୍ମକାରୀମାନେ, ମୁଁ ଯେପରି ଆପଣା ପରମେଶ୍ୱରଙ୍କ ଆଜ୍ଞା ସବୁ ପାଳି ପାରିବି, ଏଥିପାଇଁ ମୋ ନିକଟରୁ ଦୂର ହୁଅ ।''

- ଆମ୍ଭେ ଯେତେବେଳେ ଈଶ୍ୱରଙ୍କ ବାକ୍ୟ ଜାଣୁ ଏବଂ ଅନୁଭବର କରୁ, ଏହା ଆମ୍ଭମାନଙ୍କ ଶତ୍ରୁ ବିରୁଦ୍ଧରେ କିପରି ସାହାଯ୍ୟ କରିବ ? ______________________________

**ପ୍ରଶ୍ନ-୫, ଗୀତସଂହିତା ୧୧୯:୧୬୦ ପଢନ୍ତୁ**

ତୁମ୍ଭର ସମୁଦାୟ ବାକ୍ୟ ସତ୍ୟ ଓ ତୁମ୍ଭର ଧର୍ମମୟ ପ୍ରତ୍ୟେକ ଶାସନ ନିତ୍ୟ ସ୍ଥାୟୀ

- ଈଶ୍ୱରଙ୍କ ବାକ୍ୟ ସର୍ବଦା ______________________________

**ପ୍ରଶ୍ନ-୬, ୨ୟ ତିମଥି ୩:୧୬-୧୭ ପଢନ୍ତୁ**

''ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।''

- ଈଶ୍ୱରଙ୍କ ବାକ୍ୟର କାର୍ଯ୍ୟକାରିତା ପାଇଁ ତିନିଟି ବିଷୟ ଲେଖ ।

______________________________

______________________________

______________________________

**ପ୍ରଶ୍ନ-୭, ୨ୟ ତିମଥି ୨:୧୫ ପଢନ୍ତୁ**

ସତ୍ୟବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନକର ।

- ଆମ୍ଭେମାନେ ଯେତେବେଳେ ଈଶ୍ୱରଙ୍କ ବାକ୍ୟ ଜାଣୁ, ନିଜ ଜୀବନରେ ପ୍ରୟୋଗ କରୁ ଏବଂ ଅନ୍ୟମାନଙ୍କୁ ନିର୍ଭୁଲ ଭାବରେ ଶିକ୍ଷା ଦେଉ ତଦ୍‌ଦ୍ୱାରା ଆମ୍ଭେମାନେ ଆପଣା ଆପଣାଙ୍କୁ ________________ ପ୍ରତି ଉପସ୍ଥାପନ କରିଥାଉଁ ।

**ପ୍ରଶ୍ନ-୮, ୨ୟ ତିମଥି ୨:୧-୨ ପଢନ୍ତୁ**

ଅତଏବ, ହେ ମୋହର ବତ୍ସ, ଖ୍ରୀଷ୍ଟଯୀଶୁଙ୍କ ପ୍ରଦତ୍ତ ଅନୁଗ୍ରହରେ ବଳବାନହୁଏ । ଆଉ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଯେଉଁ ସବୁ ବାକ୍ୟ ମୋଠାରୁ ଶୁଣିଅଛ, ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବାକୁ ସମର୍ଥ, ଏପରି ବିଶ୍ୱସ୍ତ ଲୋକମାନଙ୍କ ନିକଟରେ ସେହି ସବୁ ଅର୍ପଣ କର ।

● ଆମ୍ଭେ ଯେତେବେଳେ ଈଶ୍ୱରଙ୍କ ବାକ୍ୟ ଜାଣୁ ଏବଂ ବିଶ୍ୱସ୍ତ ବ୍ୟକ୍ତିମାନଙ୍କୁ ଶିଖାଉ, ସେମାନେ କ'ଣ କରିବାକୁ ପ୍ରସ୍ତୁତ ହୁଅନ୍ତି ।

**ପ୍ରଶ୍ନ-୯, ୨ୟ ବିବରଣୀ ୫:୨୯ ପଢନ୍ତୁ**

"ଆହା, ଯେପରି ସେମାନଙ୍କର ଓ ସେମାନଙ୍କ ସନ୍ତାନଗଣର ଅନନ୍ତକାଳ ସ୍ଥାୟୀ ମଙ୍ଗଳ ହୁଏ, ଏଥିପାଇଁ ସର୍ବଦା ଆମ୍ଭକୁ ଭୟ କରିବାକୁ ଓ ଆମ୍ଭ ଆଜ୍ଞାସବୁ ପାଳନ କରିବାକୁ ଯେବେ ସେମାନଙ୍କର ଏପରି ହୃଦୟ ହୁଅନ୍ତା ।

● ଆମ୍ଭେମାନେ ଈଶ୍ୱରଙ୍କୁ କାହିଁକି ଭୟକରୁ (ସମ୍ମାନ ଓ ଆଜ୍ଞା ବହତା) ଏବଂ ସେ ଆପଣା ବାଇବଲରେ ଦେଇଥିବା ଆଜ୍ଞା ପାଳନ କରୁ ।

**ପ୍ରଶ୍ନ-୧୦, କଲସୀୟ ୧:୧୯ ଏବଂ ୨:୯**

"କାରଣ ଈଶ୍ୱରଙ୍କର ସନ୍ତୋଷ ହେଲା ଯେ, ତାହାଙ୍କଠାରେ ସମସ୍ତ ପୂର୍ଣ୍ଣତା ବାସ କରିବ । କାରଣ ଖ୍ରୀଷ୍ଟଙ୍କଠାରେ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କରେ ।"

● ଆମ୍ଭେମାନେ ଯେତେବେଳେ ନୂତନ ନିୟମରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଏବଂ ଦେଇଥିବା ଶିକ୍ଷାଗୁଡିକ ଅଧ୍ୟୟନ କରୁ, ତଦ୍ୱାରା ଆମ୍ଭେମାନେ କେଉଁ ବ୍ୟକ୍ତିର ଚରିତ୍ରକୁ ଶିକ୍ଷା କରୁ ?

---

**ପ୍ରଶ୍ନ-୧୧, ହିତୋପଦେଶ ୩:୭-୮ ପଢନ୍ତୁ**

"ତୁମ୍ଭେ ଆପଣା ଦୃଷ୍ଟିରେ ଜ୍ଞାନବାନ ହୁଅନାହିଁ, ସଦାପ୍ରଭୁଙ୍କୁ ଭୟକର ଓ ମନ୍ଦତାରୁ ବିମୁଖ ହୁଏ । ତାହା ତୁମ୍ଭ ନାଭିଦେଶର ସ୍ୱାସ୍ଥ୍ୟ ଓ ଅସ୍ଥିର ମଜ୍ଜା ହେବ ।"

● ଈଶ୍ୱରଙ୍କ ଇଚ୍ଛାର ଅନୁବର୍ତ୍ତୀ ହେବା ଦ୍ୱାରା କେଉଁ ଲାଭ ମିଳିଥାଏ ? ______

---

---

**ପ୍ରଶ୍ନ-୧୨, ଗୀତସଂହିତା ୧୧୯:୨,୧୪,୧୬,୨୪,୧୦୩ ପଢନ୍ତୁ**

ଯେଉଁମାନେ ତାହାଙ୍କ ପ୍ରମାଣ ବାକ୍ୟ ସବୁ ପାଳନ କରନ୍ତି । ଯେଉଁମାନେ ସର୍ବାନ୍ତଃକରଣରେ ତାହାଙ୍କୁ ଖୋଜନ୍ତି, ସେମାନେ ଧନ୍ୟ । ଯେପରି ସମୁଦାୟ ଧନରେ, ସେପରି ମୁଁ ତୁମ୍ଭ ପ୍ରମାଣ-ବାକ୍ୟରୂପ ପଥରେ ଆମୋଦ କରିଅଛି । ମୁଁ ତୁମ୍ଭ ବିଧିସବୁରେ ଆନନ୍ଦ କରିବି, ମୁଁ ତୁମ୍ଭର ବାକ୍ୟ ପାସୋରିବି ନାହିଁ । ତୁମ୍ଭର ସକଳ ପ୍ରମାଣ - ବାକ୍ୟ ମଧ୍ୟ ମୋହର ଆନନ୍ଦ ଜନକ ଓ ମନ୍ତ୍ରଣା ଦାୟକ । ମୋ ତୁଣ୍ଡକୁ ତୁମ୍ଭ ବାକ୍ୟ କିପରି ମଧୁର । ହଁ, ମୋ ମୁଖକୁ ତାହା ମଧୁ ଅପେକ୍ଷା ମଧୁର ।"

● ନିୟମିତ ଭାବରେ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କଲେ ଆମ୍ଭମାନଙ୍କଠାରେ କେଉଁ ଚିନ୍ତାଧାରା ବୃଦ୍ଧି ଲାଭ କରେ ?

---

**ପ୍ରଶ୍ନ-୧୩, ଗୀତସଂହିତା ୧୧୯:୧୦୮, ୧୬୮ ପଢନ୍ତୁ**

"ହେ ସଦାପ୍ରଭୁ, ନିବେଦନ କରୁଅଛି, ମୋ ମୁଖର ସ୍ୱେଚ୍ଛାଦତ୍ତ ଉପହାର ଗ୍ରହଣ କର ଓ ତୁମ୍ଭର ଶାସନ ସବୁ ମୋତେ ଶିଖାଅ । ମୁଁ ତୁମ୍ଭର ବିଧାନ ଓ ପ୍ରମାଣ - ବାକ୍ୟ ସବୁ ମାନିଅଛି । କାରଣ ମୋହର ସବୁ ଗତି ତୁମ୍ଭ ସମ୍ମୁଖରେ ଅଛି ।

- ଆମ୍ଭେମାନେ ଯେତେବେଳେ ତାହାଙ୍କର ଆଶ୍ଚର୍ଯ୍ୟ ବାକ୍ୟ ଅଧ୍ୟୟନକରୁ, ଇଶ୍ୱରଙ୍କ ପ୍ରତି କେଉଁ ପ୍ରକୃତି ଜାଗୃତ ହୁଏ ? ________________

**ପ୍ରଶ୍ନ-୧୪, ଗୀତସଂହିତା ୧୧୯:୧୮, ୩୪ ପଢନ୍ତୁ**

ତୁମ୍ଭେ ମୋହର ଚକ୍ଷୁ ପ୍ରସନ୍ନକର, ତହିଁରେ ମୁଁ ତୁମ୍ଭ ବ୍ୟବସ୍ଥାରୁ ଅଶ୍ଚର୍ଯ୍ୟ ବିଷୟମାନ ଦେଖିପାରିବି । ମୋତେ ବୁଦ୍ଧି ପ୍ରଦାନ କର, ତହିଁରେ ମୁଁ ତୁମ୍ଭର ବ୍ୟବସ୍ଥା ମାନିବି, ଆହୁରି, ମୁଁ ଆପଣା ସର୍ବାନ୍ତଃକରଣରେ ତାହା ପାଳନ କରିବି ।

- ଇଶ୍ୱରଙ୍କ ବାକ୍ୟ ପାଠ କରିବା ଓ ଅଧ୍ୟୟନ କରିବା ପୂର୍ବରୁ ଆମ୍ଭେମାନେ କ'ଣ କରିବା ଆବଶ୍ୟକ ?

________________

________________

**ପ୍ରଶ୍ନ-୧୫, ମାଥିଉ-୪:୪ ପଢନ୍ତୁ**

କିନ୍ତୁ ସେ ଉତ୍ତର ଦେଲେ, ଲେଖାଅଛି, ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଇଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।

- ଯୀଶୁ କହିଲେ ପ୍ରତିଦିନ ଆମ୍ଭେ ଯେପରି ଖାଦ୍ୟ ଭୋଜନକରୁ ଆତ୍ମିକ ସ୍ୱାସ୍ଥ୍ୟ ନିମନ୍ତେ ________________ ଭୋଜନ କରିବା ଆବଶ୍ୟକ ?

**ପ୍ରଶ୍ନ-୧୬, ରୋମୀୟ-୧୦:୧୭ ପଢନ୍ତୁ**

ଅତଏବ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।

- ଇଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା ଏବଂ ଶ୍ରବଣ କରିବା ଦ୍ୱାରା ତାଙ୍କ ପ୍ରତି ଓ ତାଙ୍କ ବାକ୍ୟ ପ୍ରତି ଆମ୍ଭମାନଙ୍କର ________________ ବୃଦ୍ଧି କରାଏ ?

❑ ❑ ❑

# ପାଠ-୬

# ମଣ୍ଡଳୀ ଜୀବନ (CHURCH LIFE)

## ଭାଗ-୧ : ଏକତ୍ରିତ ରୁଣ୍ଡ ହେବା (Gathering together)

ଆଦ୍ୟ ମଣ୍ଡଳୀ ସମୟରେ ବିଶ୍ୱାସୀମାନେ ଏକତ୍ରିତ ହେବା ନିମନ୍ତେ କୌଣସି ଖ୍ରୀଷ୍ଟିୟାନ ପ୍ରାର୍ଥନା ଗୃହ ନ ଥିଲା, ସେମାନେ ବାସଗୃହମାନଙ୍କରେ କି ଅବା ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏକତ୍ରିତ ହେଉଥିଲେ, ବିଶ୍ୱାସୀମାନେ ହିଁ ''ମଣ୍ଡଳୀ'' ବୋଲି ପରିଚିତ ହେଉଥିଲେ, ଅଦ୍ୟାବଧି ଏହା ସତ୍ୟ ଅଟେ । ମଣ୍ଡଳୀ ହେଉଛି ବିଶ୍ୱାସୀମାନଙ୍କର ସମଷ୍ଟି (ଶରୀର) ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କର ଉପାସନା କରନ୍ତି ଓ ତାଙ୍କର ଅନୁଗମନ କରନ୍ତି ।

**ପ୍ରଶ୍ନ-୧, ପ୍ରେରିତ ୧:୧୪,୨୪ ପଢନ୍ତୁ**

ଏମାନେ ସମସ୍ତେ ସ୍ତ୍ରୀଲୋକମାନଙ୍କ ସହିତ ଏବଂ ଯୀଶୁଙ୍କ ମାତା ମରିୟମ ଓ ତାହାଙ୍କ ଭାଇମାନଙ୍କ ସହିତ ଏକ ଚିତ୍ତରେ ପ୍ରାର୍ଥନାରେ ନିବିଷ୍ଟ ହୋଇ ରହିଲେ । ହେ ସର୍ବାନ୍ତର୍ଯ୍ୟାମୀ ପ୍ରଭୁ, ଯିହୂଦା ସ୍ୱସ୍ଥାନକୁ ଯିବା ନିମନ୍ତେ ଏହି ଯେଉଁ ସେବା ଓ ପ୍ରେରିତ ପଦରୁ ପତିତ ହୋଇଅଛି,

**ପ୍ରେରିତ ୧:୨, ୨:୪୨-୪୬**

ହେ ଥିୟଫିଲ, ଯେଉଁଦିନ, ଯୀଶୁ ଆପଣା ମନୋନୀତ ପ୍ରେରିତମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଆଜ୍ଞା ଦେଇ ଉର୍ଦ୍ଧ୍ୱରେ ଗୃହୀତ ହେଲେ, ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ । ଆଉ, ଲୋକ ସମସ୍ତେ ଭୀତ ହେବାକୁ ଲାଗିଲେ, ପ୍ରେରିତମାନଙ୍କ ଦ୍ୱାରା ମଧ୍ୟ ଅନେକ ଅନେକ ଅଦ୍ଭୁତ କର୍ମ ଓ ଲକ୍ଷଣ ସାଧିତ ହେବାକୁ ଲାଗିଲା । ମାତ୍ର ଯେଉଁମାନେ ବିଶ୍ୱାସ କଲେ ସେମାନେ ସମସ୍ତେ ଏକତ୍ର ରହି ସବୁ ପଦାର୍ଥ ସାଧାରଣ ସମ୍ପତ୍ତି ବୋଲି ଜ୍ଞାନ କରୁଥିଲେ, ପୁଣି ସେମାନେ ଆପଣା ଆପଣା ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରୟ କରି, ଯାହାର ଯେପରି ପ୍ରୟୋଜନ, ସେହି ଅନୁସାରେ ସମସ୍ତଙ୍କୁ ବାଣ୍ଟିଦେବାକୁ ଲାଗିଲେ । ଆଉ, ସେମାନେ ଏକ ଚିତ୍ତ ହୋଇ ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟୀ ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜନପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ ।

- ଆଦ୍ୟମଣ୍ଡଳୀର ବିଭିନ୍ନ କାର୍ଯ୍ୟକଳାପ ତାଲିକା ପ୍ରସ୍ତୁତକର ?

______________________________

______________________________

______________________________

______________________________

**ପ୍ରଶ୍ନ-୨, ଏବ୍ରୀ ୧୦:୨୪-୨୫ ପଢନ୍ତୁ**

"ପୁଣି, ପ୍ରେମ ଓ ସତ୍‌କ୍ରିୟାରେ ପ୍ରବର୍ତ୍ତାଇବା ନିମନ୍ତେ ପରସ୍ପର ବିଷୟରେ ମନୋଯୋଗ କରୁ, ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ ।

- ପରସ୍ପରର ______________ ନିମନ୍ତେ, ପରସ୍ପରକୁ ______________ରେ ବୃଦ୍ଧିଲାଭ କରେଇବା ନିମନ୍ତେ ଏବଂ ______________ ନିମନ୍ତେ ପ୍ରସ୍ତୁତ ହେବା ପାଇଁ ବିଶ୍ୱାସୀମାନେ ନିୟମିତ ଭାବରେ ମିଳିତ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ ।

**ପ୍ରଶ୍ନ-୩, ଏଫିସୀୟ ୫:୧୮-୨୧ ପଢନ୍ତୁ**

"ଆଉ ଦ୍ରାକ୍ଷାରସରେ ମତ୍ତ ନ ହୁଅ, ସେଥିରୁ ତ ଅତ୍ୟାଚାର ଜନ୍ମେ, ମାତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତଗାନ କର, ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁଯୀଶୁଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ, ଆଉ ଖ୍ରୀଷ୍ଟଙ୍କୁ ଭୟକରି ପରସ୍ପର ବଶୀଭୂତ ହୁଅ ।"

- ଆମ୍ଭେମାନେ ଏକତ୍ରିତ ହେବା ଦ୍ୱାରା ପବିତ୍ର ଆତ୍ମାଙ୍କ ସାହାଯ୍ୟରେ କେଉଁସବୁ କାର୍ଯ୍ୟ କରିପାରୁ ଲେଖ ?

______________________________________________

______________________________________________

______________________________________________

______________________________________________

**ପ୍ରଶ୍ନ-୪, ୧ମ କରନ୍ଥୀୟ ୧୪:୨୬ ପଢନ୍ତୁ**

"ହେ ଭାଇମାନେ, ତେବେ କର୍ତ୍ତବ୍ୟ କ'ଣ ? ତୁମ୍ଭେମାନେ ସମବେତ ହେବା ସମୟରେ ଗୀତ, ବା ଶିକ୍ଷା, ବା ପ୍ରକାଶିତ ବାକ୍ୟ, ବା ପରଭାଷା, ବା ଭାଷାର ଅର୍ଥ, ଏପରି ପ୍ରତ୍ୟେକର କିଛି ନା କିଛି ଅଛି । ସମସ୍ତ ବିଷୟ ନିଷ୍ଠା ନିମନ୍ତେ କରାଯାଉ ।"

- ବାଇବଲ ଅନୁଯାୟୀ କେଉଁମାନେ ମଣ୍ଡଳୀ ଏକତ୍ରିତ ହେବାରେ ଯୋଗଦେବା ନିମନ୍ତେ ଅନୁମତି ପ୍ରାପ୍ତ ଅଟନ୍ତି ?

  ଗୋଟିଏ ଉତ୍ତର ବାଛନ୍ତୁ -

  ______________ ଜଣେ ବ୍ୟକ୍ତି କିମ୍ବା ମଣ୍ଡଳୀର ପାଳକ ।

  ______________ ଅଳ୍ପ କେତେକ ବୟସ୍କ ଏବଂ ସମ୍ମାନିତ ଲୋକ ସମୂହ ।

  ______________ ମଣ୍ଡଳୀ ସହଭାଗିତାରେ ପ୍ରତ୍ୟେକ ଜଣ ।

**ପ୍ରଶ୍ନ-୫, ୧ମ କରନ୍ଥୀୟ ୧୨:୧୨-୧୪, ୨୭ ପଢନ୍ତୁ**

କାରଣ ଯେପରି ଶରୀର ଏକ, ଆଉ ସେଥିର ଅଙ୍ଗ ପ୍ରତ୍ୟଙ୍ଗ ଅନେକ, ମାତ୍ର ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଅନେକ ହେଲେ ହେଁ ଏକ ଶରୀର ଅଟେ, ସେହିପରି ମଧ୍ୟ ଖ୍ରୀଷ୍ଟ । ଯେଣୁ ଆମ୍ଭେମାନେ ଯିହୂଦୀ

ହେଉ ବା ଗ୍ରୀକ୍ ହେଉ ଦାସ ହେଉ ବା ସ୍ୱାଧୀନ ହେଉ, ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ, ଆଉ ସମସ୍ତେ ଏକ ଆତ୍ମାରୁ ପାନ କରିଅଛୁ, କାରଣ ଶରୀର ତ ଏକ ଅଙ୍ଗ ନୁହେଁ, ମାତ୍ର ଅନେକ । ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀର, ଆଉ ଏକ ଏକ ଜଣ ଏକ ଏକ ଅଙ୍ଗସ୍ୱରୂପ ।''

- ଆମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କର ________________ର ଅଂଶ ଅଟୁ ଏବଂ ଆମ୍ଭେ ପରସ୍ପରକୁ ଆବଶ୍ୟକ କରୁ ଯେପରି ଆମ୍ଭମାନଙ୍କର ଶରୀର ପରସ୍ପର ଆବଶ୍ୟକ କରନ୍ତି ।

ହସ୍ତ କେତେ କାର୍ଯ୍ୟ କରିପାରେ ଚିନ୍ତା କରନ୍ତୁ, ଯେଉଁ ସହଜ କାର୍ଯ୍ୟ ତୁମ ହସ୍ତ କରିପାରେ, ଯଦି ତହିଁରେ ବୃଦ୍ଧାଙ୍ଗୁଳି ନ ଥାଏ ତୁମେ ସେ କାର୍ଯ୍ୟ କରିପାରିବ ନାହିଁ । ଏକ ବ୍ୟକ୍ତିଗତ ଉଦାହରଣ ଦିଅ ।

________________________________________

________________________________________

________________________________________

ସାରାଂଶରେ, ବାଇବଲ ଅନୁସାରେ ଈଶ୍ୱରଙ୍କ ଇଚ୍ଛାରେ ଯେ ଖ୍ରୀଷ୍ଟଙ୍କ ଅନୁଗାମୀମାନେ ଏକତ୍ରିତ ହୋଇ ପରସ୍ପରକୁ ସେମାନଙ୍କ ମଧ୍ୟସ୍ଥିତ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ପରସ୍ପରକୁ ସାହାଯ୍ୟ, ଉତ୍ସାହ, ଶିକ୍ଷା ଓ ସେବା କରନ୍ତୁ । ଆମ୍ଭେ ଏଠାରେ ପ୍ରତ୍ୟେକ ସଦସ୍ୟ ସଂଶ୍ଳିଷ୍ଟ ହେବା ।

ପରସ୍ପରର ସେବା କରିବା ନିମନ୍ତେ ଆମ୍ଭେ ଯେତେବେଳେ ପରସ୍ପର ଏକତ୍ରିତ ହେଉ, ଆମ୍ଭମାନଙ୍କୁ ନିମ୍ନୋକ୍ତ ବିଷୟ ଆବଶ୍ୟକ ।

୧. ତୁମ୍ଭେ ଆପଣା ପାପ ସ୍ୱୀକାର କର ଏବଂ ପବିତ୍ର ଜୀବନ କାଟିବା ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କର,

୨ୟ ପିତର ୨ :୨୦-୨୧

୨. ପରସ୍ପର ନିମନ୍ତେ ପ୍ରାର୍ଥନା କରିବା -

୩. ପ୍ରତିଦିନ ତୁମ୍ଭେ ଆପଣା ବାଇବଲ ପାଠକର ଏବଂ ଅଧ୍ୟୟନକର ଯାହା ଶିଖିଲ ପ୍ରାର୍ଥନା କର ଏବଂ ବିଚାର କର ଏବଂ ଅନ୍ୟମାନଙ୍କୁ ଜଣାଇବା ନିମନ୍ତେ ତୁମ୍ଭ ପ୍ରତି ପ୍ରଭୁ କ'ଣ ଇଚ୍ଛା କରନ୍ତି । ସ୍ମରଣ କର - ୨ୟ ତୀମଥି-୩:୧୬-୧୭ (ପାଠ-୧ ପ୍ରଶ୍ନ-୨) ଏବଂ ଯିଶାଇୟ-୫୦:୪-୫ (ପାଠ-୪, ପ୍ରଶ-୧) ତୁମ୍ଭେ ନିଜସ୍ୱ ଭାଷାରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବିଶ୍ୱାସୀମାନଙ୍କର ଏକତ୍ରିତ ହେବାର ଗୁରୁତ୍ୱକୁ ଲିପିବଦ୍ଧ କର ।

**କଲସୀୟ ୩ : ୧୫-୧୭ ପଢନ୍ତୁ**

ପୁଣି, ଖ୍ରୀଷ୍ଟଦତ୍ତ ଯେଉଁ ଶାନ୍ତି ଭୋଗ କରିବା ନିମନ୍ତେ ତୁମ୍ଭେମାନେ ଏକ ଶରୀର ସ୍ୱରୂପେ ଆହୂତ ହୋଇଅଛ, ତାହା ତୁମ୍ଭମାନଙ୍କ ହୃଦୟରେ ରାଜତ୍ୱ କରୁ, ପୁଣି ତୁମ୍ଭେମାନେ ଧନ୍ୟବାଦ ଦିଅ । ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କଠାରେ ବାସ କରୁ, ତୁମ୍ଭେମାନେ ପରସ୍ପରକୁ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ, ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର । ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହାକିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।

# ପାଠ-୬

# ମଣ୍ଡଳୀ ଜୀବନ (CHURCH LIFE)

## ଭାଗ-୨ : ଭଣ୍ଡାର ଘରିଆପଣ (Stewardship)

**ପ୍ରଶ୍ନ - ୧, ଆଦିପୁସ୍ତକ ୧୪:୧୭-୨୦**

"ଏହି ରୂପେ ଅବ୍ରାମ କଦର୍ଲାୟୋମରକୁ ଓ ତାଙ୍କର ସହାୟ ରାଜଗଣକୁ ଜୟ କରି ବାହୁଡିଲା ଉତ୍ତାରେ, ସଦୋମର ରାଜା ତାଙ୍କ ସହିତ ସାକ୍ଷାତ କରିବାକୁ ଶାବୀପଦା, ଅର୍ଥାତ୍, ରାଜାର ପଦାକୁ ଗମନ କଲେ । ପୁଣି ଶାଲମର ରାଜା ମଲ୍‌କୀଷେଦକ ରୋଟୀ ଓ ଦ୍ରାକ୍ଷାରସ ଘେନି ଆସିଲେ, ସେ ସର୍ବୋପରିସ୍ଥ ପରମେଶ୍ୱରଙ୍କର ଯାଜକ, ସେ ଅବ୍ରାମଙ୍କୁ ଆଶୀର୍ବାଦ କରି କହିଲେ, ଅବ୍ରାମ ସ୍ୱର୍ଗ ଓ ପୃଥିବୀର ଅଧିକାରୀ ସର୍ବୋପରିସ୍ଥ ପରମେଶ୍ୱରଙ୍କର ଆଶୀର୍ବାଦ ପାତ୍ର ହେଉନ୍ତୁ, ସର୍ବୋପରିସ୍ଥ ପରମେଶ୍ୱର ଧନ୍ୟ ହେଉନ୍ତ ସେ ତୁମ୍ଭର ଶତ୍ରୁଗଣଙ୍କୁ ତୁମ୍ଭ ହସ୍ତରେ ସମର୍ପଣ କଲେ । ସେତେବେଳେ (ଅବ୍ରାମ) ସବୁ ଦ୍ରବ୍ୟର ଦଶମାଂଶ ତାଙ୍କୁ ଦେଲେ ।

ଏହି ମହାଯାଜକ କେଉଁଠାରୁ ଆସିଲେ ଏହା ଏକ ରହସ୍ୟ ଯେ କି ଆବ୍ରାହମଙ୍କ ନିମନ୍ତେ, ଈଶ୍ୱରଙ୍କ ଠାରୁ ଆର୍ଶୀବାଦ ଆଣିଥିଲେ, ଆବ୍ରାହମ ଈଶ୍ୱରଙ୍କୁ ନିଜ ସମସ୍ତ ଧନର ଦଶମାଂସ ଦେବାରେ କି କାରଣ ବୋଲି ଚିନ୍ତା କରୁଛନ୍ତି ?

________________________________________

________________________________________

**ପ୍ରଶ୍ନ - ୨, ଗଣନା ପୁସ୍ତକ ୧୮:୨୧ ପଢନ୍ତୁ**

"ଆଉ ଦେଖ, ଲେବୀ-ସନ୍ତାନଗଣ ଯେଉଁ ସେବାକର୍ମ କରନ୍ତି, ସମାଗମ - ତମ୍ବୁ ସମ୍ବନ୍ଧୀୟ ସେମାନଙ୍କ ସେହି ସେବାକର୍ମର ପରିଶୋଧରେ ଆମ୍ଭେ ସେମାନଙ୍କ ଅଧିକାରାର୍ଥେ ଇସ୍ରାଏଲ ମଧ୍ୟରେ ସମସ୍ତ ଦଶମାଂସ ଦେଲୁ ।"

ପୁରାତନ ନିୟମ ସମୟରେ ଇଚ୍ଛା ହେଲେ ଲୋକମାନେ ଆପଣା ଉପାର୍ଜନ କିମ୍ବା ଶସ୍ୟରୁ ଈଶ୍ୱରଙ୍କୁ ଦଶମାଂସ ଦେଇ ଉପସନା ମାନକର ସେବାକରୁଥିବା ଲେବିୟମାନଙ୍କୁ ସାହାଯ୍ୟ କରୁଥିଲେ, ଦଶମାଂସ ବୋଇଲେ କ'ଣ ?

________________________________________

________________________________________

________________________________________

**ପ୍ରଶ୍ନ - ୩, ମଲାଖି ୩:୮-୧୨ ପଢନ୍ତୁ**

ମନୁଷ୍ୟ କି ପରମେଶ୍ୱରଙ୍କ ଦ୍ରବ୍ୟ ଚୋରି କରିବ ? ତଥାପି ତୁମ୍ଭେମାନେ ଆମ୍ଭର ଦ୍ରବ୍ୟ ଚୋରି କରୁଅଛ । ମାତ୍ର ତୁମ୍ଭେମାନେ କହୁଅଛ, ତୁମ୍ଭେମାନେ କି ରୂପେ ତୁମ୍ଭର ଦ୍ରବ୍ୟ ଚୋରି କରିଅଛ ? ଦଶମାଂଶରେ ଓ ନୈବେଦ୍ୟରେ । ତୁମ୍ଭେମାନେ ଅଭିଶାପରେ ଶାପଗ୍ରସ୍ତ ହୋଇଅଛ, କାରଣ ତୁମ୍ଭେମାନେ, ହଁ, ଏହିସବୁ

ଗୋଷ୍ଠୀ ଆମ୍ଭର ଦ୍ରବ୍ୟ ଚୋରି କରୁଅଛ । ଆମ୍ଭର ଗୃହରେ ଯେପରି ଖାଦ୍ୟ ରହିବ ଏଥିପାଇଁ ତୁମ୍ଭେମାନେ ଆମ୍ଭର ଭଣ୍ଡାରକୁ ସମ୍ପୂର୍ଣ୍ଣ ଦଶମାଂଶ ଆଣ, ଆଉ ଆମ୍ଭେ ଆକାଶସ୍ଥ ଦ୍ୱାରସବୁ ମୁକ୍ତ କରି, ରଖିବା ପାଇଁ ସ୍ଥାନ ନିଅଣ୍ଟ ହେବା ପର୍ଯ୍ୟନ୍ତ ତୁମ୍ଭମାନଙ୍କ ଉପରେ ଆଶୀର୍ବାଦ ରୂପ ବୃଷ୍ଟି ବର୍ଷାଇବା କି ନାହିଁ, ଏତଦ୍ ବିଷୟରେ ଏବେ ଆମ୍ଭର ପରୀକ୍ଷା ନିଅ । ପୁଣି, ଆମ୍ଭେ ତୁମ୍ଭମାନଙ୍କ ସକାଶୁ ଗ୍ରାସକାରୀକି ଧମକାଇବା, ତହିଁରେ ସେ ତୁମ୍ଭମାନଙ୍କ ଭୂମିର ଫଳ ନଷ୍ଟ କରିବ ନାହିଁ; କି ଅବା କ୍ଷେତ୍ରରେ ତୁମ୍ଭମାନଙ୍କର ଦ୍ରାକ୍ଷାଲତାର ଫଳ ଅକାଳରେ ଝଡ଼ିବ ନାହିଁ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି । ଯାବତୀୟ ଗୋଷ୍ଠୀ ତୁମ୍ଭମାନଙ୍କୁ ସୁଖୀ କହିବେ, କାରଣ ତୁମ୍ଭେମାନେ ଏକ ମନୋହର ଦେଶ ହେବ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି ।

ଭାବବାଦୀମାନେ ଲୋକମାନଙ୍କୁ କହିଲେ ଯେ ସେମାନେ ଈଶ୍ୱରଙ୍କଠାରୁ ଚୋରିକରୁଅଛନ୍ତି, ସେମାନେ ଈଶ୍ୱରଙ୍କଠାରେ କିପରି ଭାବେ ଚୋରି କରୁଥିଲେ ?

• ______________________________ ଯଦି ସେମାନେ ଆପଣା ନୈବେଦ୍ୟ ଈଶ୍ୱରଙ୍କୁ ଦେବା ଆରମ୍ଭ କରିବେ ଈଶ୍ୱର କ'ଣ ନିମନ୍ତେ ସେମାନଙ୍କୁ ପ୍ରତିଜ୍ଞା କରିଅଛନ୍ତି ?

______________________________

**ପ୍ରଶ୍ନ-୪, ହାଗୟ ୧:୫-୧୧ ପଢନ୍ତୁ**

ଏହେତୁ ସୈନ୍ୟାଧିପତି ସଦା ପ୍ରଭୁ ଏହି କଥା କହନ୍ତି; ତୁମ୍ଭେମାନେ ଆପଣା ଆପଣା ପଥ ବିବେଚନା କର । ତୁମ୍ଭେମାନେ ବହୁତ ବୁଣିଅଛ, ମାତ୍ର ଅଳ୍ପ ସଞ୍ଚୟ କରୁଅଛ; ତୁମ୍ଭେମାନେ ଭୋଜନ କରୁଅଛ, ମାତ୍ର ସନ୍ତୁଷ୍ଟ ହେଉନାହିଁ; ତୁମ୍ଭେମାନେ ପାନ କରୁଅଛ, ମାତ୍ର ତହିଁରେ ତୃପ୍ତ ହେଉ ନାହିଁ; ତୁମ୍ଭେମାନେ ବସ୍ତ୍ର ପିନ୍ଧୁଅଛ, ମାତ୍ର କେହି ଉଷ୍ମ ହେଉ ନାହିଁ; ପୁଣି ଯେ ବେତନ ଅର୍ଜନ କରେ, ସେ କଣା ଥଳୀରେ ତାହା ରଖିବା ପାଇଁ ଅର୍ଜନ କରେ । ସୈନ୍ୟାଧିପତି ସଦାପ୍ରଭୁ ଏହି କଥା କହନ୍ତି; ତୁମ୍ଭେମାନେ ଆପଣା ଆପଣା ପଥ ବିବେଚନା କର । ତୁମ୍ଭେମାନେ ପର୍ବତକୁ ଯାଇ କାଷ୍ଠ ଆଣ ଓ ଏହି ଗୃହ ନିର୍ମାଣ କର, ତହିଁରେ ଆମ୍ଭେମାନେ ତହିଁପତି ପ୍ରସନ୍ନ ହେବା ଓ ଆମ୍ଭେ ଗୌରବାନ୍ୱିତ ହେବା, ଏହା ମହାପ୍ରଭୁ କହନ୍ତି । ତୁମ୍ଭେମାନେ ବହୁତ ନିମନ୍ତେ ଅପେକ୍ଷା କଲ, ଆଉ ଦେଖ, ତାହା ଅଳ୍ପ ହେଲା; ପୁଣି, ତାହା ଗୃହକୁ ଆଣିଲାବେଳେ ଆମ୍ଭେ ତହିଁ ଉପରେ ଫୁଙ୍କି ଉଡାଇ ଦେଲୁ । ସୈନ୍ୟାଧିପତି ସଦାପ୍ରଭୁ କହନ୍ତି, ଏହାର କାରଣ କ'ଣ ? କାରଣ ଏହି, ଆମ୍ଭର ଗୃହ ଉତ୍ସନ୍ନ ହୋଇପଡିଅଛି, ମାତ୍ର ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ଗୃହ ବିଷୟରେ ଦୌଡୁଅଛ । ଏଥିପାଇଁ ତୁମ୍ଭମାନଙ୍କ ସକାଶୁ ଆକାଶ ଶିଶିର ରହିତ ହୋଇଅଛି ଓ ପୃଥିବୀ ଆପଣା ଫଳରହିତ ହୋଇଅଛି । ପୁଣି, ଆମ୍ଭେ ଦେଶର ଓ ପର୍ବତଗଣର ଉପରେ, ଆଉ ଶସ୍ୟ, ଦ୍ରାକ୍ଷାରସ ଓ ତୈଳ ଉପରେ, ଆଉ ଭୂମିର ଉତ୍ପନ୍ନ ବସ୍ତୁ ଉପରେ ମନୁଷ୍ୟ ଓ ପଶୁର ଉପରେ, ପୁଣି ହସ୍ତକୃତ ସମସ୍ତ କାର୍ଯ୍ୟ ଉପରେ ଅନାବୃଷ୍ଟି କି ଆହ୍ୱାନ କଲୁ ।

ଏହି ଅଧ୍ୟାୟରେ ଆମ୍ଭେ ଦେଖିଲେ ଯେ ଇସ୍ରାୟେଲ ଲୋକମାନେ ନିଜ ନିଜ ଜୀବନର ଓ ଗୃହର ଆବଶ୍ୟକତା ନିମନ୍ତେ ବ୍ୟସ୍ତ ରହୁଥିଲେ । କିନ୍ତୁ ଈଶ୍ୱରଙ୍କ ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ଅବହେଳିତ ହୋଇ ରହିଥିଲା । ସେମାନେ ଈଶ୍ୱରଙ୍କୁ ସମ୍ମାନ ଏବଂ ତାଙ୍କର ଗୁରୁତ୍ୱପୂର୍ଣ୍ଣ ବିଷୟ କରିବା ହେତୁରୁ ସେମାନଙ୍କ ଜୀବନରେ କ'ଣ ଘଟିଲା ?

______________________________

______________________________

______________________________

**ପ୍ରଶ୍ନ-୫, ହାଗୟ ୧:୧୨ ପଢନ୍ତୁ**

''ସେତେବେଳେ ଶଲ୍ଟୀୟେଲଙ୍କ ପୁତ୍ର ଯିରୁବ୍ବାବିଲ ଓ ଯିହୋଷାଦକଙ୍କ ପୁତ୍ର ଯିହୋଶୂୟ ମହାଯାଜକ ଓ ଲୋକମାନଙ୍କର ଅବଶିଷ୍ଟାଂଶ ସମସ୍ତେ ସଦାପ୍ରଭୁ ସେମାନଙ୍କ ପରମେଶ୍ୱରଙ୍କ ରବରେ ଓ ସଦାପ୍ରଭୁ ସେମାନଙ୍କ ପରମେଶ୍ୱର ହାଗୟ ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଯେଉଁସବୁ ବାକ୍ୟ ପ୍ରେରଣ କରିଥିଲେ, ସେସବୁରେ ମନୋଯୋଗ କଲେ; ଆଉ, ଲୋକମାନେ ସଦାପ୍ରଭୁଙ୍କ ଛାମୁରେ ଭୀତ ହେଲେ ।''

ଈଶ୍ୱରଙ୍କ ସଂଶୋଧନର ବାକ୍ୟ ପ୍ରତି ଲୋକମାନଙ୍କର କି ଜବାବ୍ ଥିଲା ?

---

**ପ୍ରଶ୍ନ-୬, ହାଗୟ ୨:୧୯ ପଢନ୍ତୁ**

ଗୋଲାରେ କି ଏ ପର୍ଯ୍ୟନ୍ତ ଶସ୍ୟ ଅଛି ? ଏ ଯାଏ ଦ୍ରାକ୍ଷାଲତା ଓ ଡିମ୍ବିରି ବୃକ୍ଷର, ଡାଳିମ୍ବ ଓ ଜୀତବୃକ୍ଷର ଫଳ ଫଳି ନାହିଁ; ଆଜି ଦିନଠାରୁ ଆମେ ତୁମ୍ଭମାନଙ୍କୁ ଆଶୀର୍ବାଦ କରିବା ।''

ସେମାନେ ତାଙ୍କର ଆଜ୍ଞାବହ ହେବାରୁ ଈଶ୍ୱର ସେମାନଙ୍କୁ କି ପ୍ରତିଜ୍ଞା ଦେଇଅଛନ୍ତି ?

---

ସାରାଂଶରେ ପୁରାତନ ନିୟମରେ ଲୋକମାନେ ଆପଣା ଆୟୋଜନ ଏବଂ ଉତ୍ପାଦନ ଜିନିଷର ଦଶମାଂସ ଦେଇ ସମ୍ମାନ କଲେ, ତାଙ୍କର ମନ୍ଦିର ପ୍ରତି, ତାଙ୍କର ସେବକମାନଙ୍କ ଅନାଜ୍ଞା ବହତା ହେତୁ ଈଶ୍ୱର ସେମାନଙ୍କୁ ଶୃଙ୍ଖଳିତ କରୁଥିଲେ, ସେମାନେ ଯେତେବେଳେ ଆଜ୍ଞାବହ ହେଉଥିଲେ ସେମାନଙ୍କୁ ଈଶ୍ୱର ଉତ୍ତମଶସ୍ୟ ଏବଂ ଆଶିର୍ବାଦ ପ୍ରଦାନ କରୁଥିଲେ ।

ନୂତନ ନିୟମ ଦାନ ଦେବା ବିଷୟ କ'ଣ କହେ ଆସ ଆମ୍ଭେମାନେ ବିଚାର କରିବା ।

**ପ୍ରଶ୍ନ-୭, ୧ମ କରନ୍ଥୀୟ ୧୬:୧-୩ ପଢନ୍ତୁ**

''ସାଧୁମାନଙ୍କ ନିମନ୍ତେ ଦାନସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି, ତୁମ୍ଭେମାନେ ମଧ୍ୟ ସେହିପରି କର । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରିରଖ । ଆଉ, ମୁଁ ଉପସ୍ଥିତ ହେଲେ ତୁମ୍ଭେମାନେ ଯେଉଁମାନଙ୍କୁ ଯୋଗ୍ୟ ମନେ କରିବ, ମୁଁ ସେମାନଙ୍କୁ ପତ୍ର ଦେଇ ଯିରୂଶାଲମକୁ ତୁମ୍ଭମାନଙ୍କ ଦାନ ଘେନିଯିବା ନିମନ୍ତେ ପ୍ରେରଣ କରିବି ।

ଏହି ପଦମାନଙ୍କରେ ପାଉଲ କରନ୍ଥୀୟ ମଣ୍ଡଳୀକୁ ଜଣାଉଛନ୍ତି ଯେ ଏକ ଦାନ ସଂଗ୍ରହ କରି ଯିରୁଶାଲମ ମଣ୍ଡଳୀ ଯେଉଁମାନେ କି ଦୁର୍ଭିକ୍ଷ ଓ ତାଡନା ହେତୁ ଭୟଙ୍କର ଦୁର୍ଦ୍ଦଶାରେ ଥିଲେ । ମାକିଦନିଆ ଓ ଗାଲାତୀୟ ମଣ୍ଡଳୀ ମଧ୍ୟ ତଦ୍ରୂପ ଦାନ କରିଥିଲେ ।

ଆଦ୍ୟ ମଣ୍ଡଳୀର ଲୋକମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହେଲା ସମୟରେ ଦାନ ସଂଗ୍ରହ କରିବା ସେମାନଙ୍କର ଅଭ୍ୟାସରେ ପରିଣତ ହେଲା, ଆପଣ ଅନ୍ୟ ବିଶ୍ୱାସୀ ସହିତ ଏକତ୍ରିତ ହେଲେ ଏହି ଅଭ୍ୟାସ ଅଛି କି ?

---

ଆପଣ କ'ଣ ଭାବୁଛନ୍ତି ଏହା ଆପଣଙ୍କର ଅଭ୍ୟାସ ?

---

**ପ୍ରଶ୍ନ-୮, ୨ୟ କରନ୍ଥୀୟ ୮:୧-୫,୭**

ହେ ଭାଇମାନେ, ମାକିଦନିଆର ମଣ୍ଡଳୀ ସମୂହ ମଧ୍ୟରେ ଈଶ୍ୱରଙ୍କ ଦତ୍ତ ଯେଉଁ ଅନୁଗ୍ରହ ପ୍ରକାଶିତ ହୋଇଅଛି, ତାହା ଆମ୍ଭେମାନେ ତୁମ୍ଭମାନଙ୍କୁ ଜଣାଉଅଛୁ । ସେମାନେ ମହା କ୍ଳେଶରୂପ ପରୀକ୍ଷାରେ ପଡ଼ିଲେ ହେଁ ସେମାନଙ୍କର ମହାନନ୍ଦ ଭୀଷଣ ଦରିଦ୍ରତା ମଧ୍ୟରେ ସୁଦ୍ଧା ପ୍ରଚୁର ଭାବେ ଅସୀମ ବଦାନ୍ୟତା ଉତ୍ପନ୍ନ କରିଅଛି । କାରଣ ମୁଁ ସାକ୍ଷ୍ୟ ଦେଉଅଛି ଯେ, ସେମାନଙ୍କ ଶକ୍ତି ଅନୁସାରେ, ବରଂ ସେମାନଙ୍କ ଶକ୍ତିର ଅତିରିକ୍ତ ଭାବରେ ସେମାନେ ଦାନ କଲେ; ସାଧୁମାନଙ୍କର ସେବାର ସହଭାଗିତା ରୂପ ଅନୁଗ୍ରହ ପ୍ରାପ୍ତ ହେବା ନିମନ୍ତେ ସେମାନେ ସ୍ୱଇଚ୍ଛାରେ ବହୁତ ବିନିତ ସହ ଆମମାନଙ୍କୁ ନିବେଦନ କଲେ; ଏଥିରେ ସେମାନେ ଯେ କେବଳ ଆମ୍ଭମାନଙ୍କ ଆଶାନୁସାରେ କଲେ, ତାହା ନୁହେଁ, ମାତ୍ର ଈଶ୍ୱରଙ୍କ ଇଚ୍ଛା ଦ୍ୱାରା ଚାଳିତ ହୋଇ ପ୍ରଥମେ ଆପଣା ଆପଣାକୁ ପ୍ରଭୁଙ୍କ ନିକଟରେ ଏବଂ ଆମ୍ଭମାନଙ୍କ ନିକଟରେ ସମର୍ପଣ କଲେ । ଆଉ, ବିଶ୍ୱାସ, ବକ୍ତାପଣ, ଜ୍ଞାନ ଓ ସର୍ବପ୍ରକାର ଉଦ୍‌ଯୋଗ ପୁଣି ତୁମ୍ଭମାନଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମର ପ୍ରଭାବ, ଏହିପରି ସମସ୍ତ ବିଷୟ ଯେପରି ତୁମ୍ଭମାନଙ୍କଠାରେ ପ୍ରଚୁର ଭାବେ ଦେଖାଯାଉଅଛି, ସେହିପରି ଏହି ଅନୁଗ୍ରହ କାର୍ଯ୍ୟ ମଧ୍ୟ ତୁମ୍ଭମାନଙ୍କଠାରେ ପ୍ରଚୁର ଭାବେ ଦେଖାଯାଉ ।

କେଉଁ ଉକ୍ତିଟି ସତ୍ୟ ?

__________________ ଯଦି କେହି ଅତ୍ୟନ୍ତ ଦରିଦ୍ର, ସେ ଅନ୍ୟମାନଙ୍କୁ ଦେବା ଆବଶ୍ୟକ ନାହିଁ ।

__________________ ଯଦିବା ଆମ୍ଭେ ଗରିବ, ଈଶ୍ୱର ଆମ୍ଭମାନଙ୍କୁ ଅନୁଗ୍ରହ କରନ୍ତି ଯେପରି ଆମେଭମାନେ ଅନ୍ୟ ନିମନ୍ତେ ଦାନ କରିବା ।

**ପ୍ରଶ୍ନ-୯, ୨ୟ କରନ୍ଥୀୟ ୯:୫-୧୧**

ଏଣୁ ତୁମ୍ଭମାନଙ୍କର ପୂର୍ବପ୍ରତିଜ୍ଞାତ ଦାନ ଯେପରି କୃପଣତାର ବିଷୟ ନ ହୋଇ ସ୍ୱଚ୍ଛନ୍ଦତାର ବିଷୟ ହୁଏ, ଏଥି ନିମନ୍ତେ ପୂର୍ବରୁ ସେହି ଦାନ ସଂଗ୍ରହର ଆୟୋଜନ କରିବାକୁ ଆଗେ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ମୁଁ ଭାଇମାନଙ୍କୁ ଅନୁରୋଧ କରିବାକୁ ଆବଶ୍ୟକ ମନେ କଲି । କିନ୍ତୁ ଏହା ସତ୍ୟ, ଯେ ଅଳ୍ପ ବୁଣେ, ସେ ମଧ୍ୟ ଅଳ୍ପ କାଟିବ; ଆଉ ଯେ ପ୍ରଚୁର ବୁଣେ, ସେ ମଧ୍ୟ ପ୍ରଚୁର କାଟିବ । ପ୍ରତ୍ୟେକ ଜଣ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛି, ସେହିପରି କରୁ, କୁଣ୍ଠିତ ଭାବରେ ନୁହେଁ, ଅବା ବାଧ୍ୟବାଧକତା ହେତୁରୁ ନୁହେଁ କାରଣ ଈଶ୍ୱର ହୃଷ୍ଟଚିତ୍ତ ଦାତାକୁ ଭଲ ପାଆନ୍ତି । ଆଉ, ସମସ୍ତ ବିଷୟ ସର୍ବଦା ଯଥେଷ୍ଟ ରୂପେ ପାଇ ତୁମ୍ଭେମାନେ ଯେପରି ସମସ୍ତ ଉତ୍ତମ କର୍ମ ନିମନ୍ତେ ଅଧିକରୁ ଅଧିକତର ଦାନ କରିପାର, ଏଥି ନିମନ୍ତେ ଈଶ୍ୱର ତୁମ୍ଭମାନଙ୍କୁ ସର୍ବପ୍ରକାର ଅନୁଗ୍ରହ ପ୍ରଚୁର ଭାବରେ ଦେବାକୁ ସମର୍ଥ ଅଟନ୍ତି । ଯେପରି ଲେଖାଅଛି, ''ସେ ମୁକ୍ତହସ୍ତରୁ ବିତରଣ କରିଅଛି, ସେ ଦରିଦ୍ରମାନଙ୍କୁ ଦାନ ଦେଇଅଛି, ତାହାର ଧାର୍ମିକତା ଚିରକାଳ ସ୍ଥାୟୀ । ଆଉ, ଯେ ବୀଜବପନକାରୀକୁ ବୀଜ ଓ ଭୋଜନ ନିମନ୍ତେ ଆହାର ଯୋଗାନ୍ତି, ସେ ବୁଣିବା ନିମନ୍ତେ ତୁମ୍ଭମାନଙ୍କୁ ବୀଜ ଯୋଗାଇବେ ଓ ତାହା ବଢ଼ାଇବେ, ପୁଣି, ତୁମ୍ଭମାନଙ୍କ ଧାର୍ମିକତାର ଫଳ ବୃଦ୍ଧି କରିବେ, ଏହିପରି ତୁମ୍ଭେମାନେ ସବୁ ବିଷୟରେ ଧନୀ ହୋଇ ସର୍ବ ପ୍ରକାର ବଦାନ୍ୟତା ଦେଖାଇପାରିବ, ଆଉ ତାହା ଆମ୍ଭମାନଙ୍କ ଦ୍ୱାରା ଈଶ୍ୱରଙ୍କ ଧନ୍ୟବାଦର କାରଣ ହେବ ।''

ଯେପରି କରନ୍ଥୀୟ ମଣ୍ଡଳୀ ଯିରୂଶାଲମର ଦରିଦ୍ରମଣ୍ଡଳୀ ପ୍ରତି ଦାନକରେ ସେମାନେ ନିଜ ମଣ୍ଡଳୀର ଆବଶ୍ୟକତା ନିମନ୍ତେ କାର୍ଯ୍ୟ କରିବା ପାଇଁ କିଏ ସେମାନଙ୍କୁ ସାହାଯ୍ୟ କରିବ ?

______________________________

______________________________

______________________________

**ପ୍ରଶ୍ନ-୧୦, ଫିଲିପ୍ପୀୟ ୪:୧୮-୧୯ ପଢନ୍ତୁ**

"ମୁଁ ସବୁ ପାଇଅଛି, ପୁଣି ମୋହର ପ୍ରଚୁର ଅଛି, ତୁମ୍ଭମାନଙ୍କର ପଠାଇଥିବା ଯେଉଁ ସବୁ ବିଷୟ ଏପାଫ୍ରାଦିତଙ୍କ ପାଖରୁ ପାଇଅଛି, ସେହି ସବୁ ମୋ ପାଇଁ ଯଥେଷ୍ଟ, ସେହିସବୁ ଈଶ୍ୱରଙ୍କ ନିକଟରେ ତୁଷ୍ଟିଜନକ ସୁଗନ୍ଧି ନୈବେଦ୍ୟ ଓ ସୁଗ୍ରାହ୍ୟ ବଳିସ୍ୱରୂପ । ପୁଣି, ମୋହର ଈଶ୍ୱର ଖ୍ରୀଷ୍ଟଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ ।"

ଫିଲିପ୍ପୀୟମାନେ ପାଉଲଙ୍କୁ ଏକ ମିଶନାରୀ ଭାବେ ଆବଶ୍ୟକତା ପାଇଁ ଦାନ କରିଥିଲେ । ସେ କହନ୍ତି ଯେ ଏହି ଦାନ ସବୁ ପ୍ରକୃତରେ ଈଶ୍ୱରଙ୍କ ନିମନ୍ତେ ______________

______________________________

କାରଣ ସେମାନେ ଜଣେ ମିଶନାରୀ ଭାବରେ ତାଙ୍କର ଅଭାବ ଦାନ କଲେ, ସେ ଆଶା କରନ୍ତି ଯେ ସେମାନଙ୍କର ଅଭାବ ______________________________ ପୂରଣ କରିବେ ।

**ପ୍ରଶ୍ନ-୧୧, ଯାକୁବ ୧:୨୭ ପଢନ୍ତୁ**

"ଅନାଥ ଓ ବିଧବାମାନଙ୍କୁ ସେମାନଙ୍କ ଦୁଃଖାବସ୍ଥାରେ ସଂଖୋଳିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଆମ୍ଭମାନଙ୍କର ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ ।"

ଈଶ୍ୱର ମଧ୍ୟ ______________________ ଓ ______________________ ଲୋକମାନଙ୍କ ନିମନ୍ତେ ଚିନ୍ତା କରନ୍ତି ଏବଂ ସେମାନଙ୍କର ଆବଶ୍ୟକତା ନିମନ୍ତେ ଈଶ୍ୱର ଆପେ ଯୋଗାଇବେ ।

**ପ୍ରଶ୍ନ-୧୨, ୧ମ କରନ୍ଥୀୟ ୯:୧୧ ପଢନ୍ତୁ**

"ଯଦି ଆମ୍ଭେମାନେ ତୁମ୍ଭମାନଙ୍କ ନିମନ୍ତେ ପାରମାର୍ଥିକ ବୀଜବପନ କରିଅଛୁ, ତେବେ ତୁମ୍ଭମାନଙ୍କର ଐହିକ ଶସ୍ୟ ଛେଦନ କଲେ କ'ଣ ଗୁରୁତର ବିଷୟ ?"

ନୂତନ ନିୟମ ଅନେକ ପୁସ୍ତକରେ ଦେଖୁଛେ ଯେ ପାଉଲ ଜଣେ ପ୍ରେରିତ ଏଥିରେ ସେ ଅନେକଙ୍କୁ ସୁସମାଚାର ପ୍ରଚାର କରିଛନ୍ତି, ଯେପରି ଖ୍ରୀଷ୍ଟଙ୍କ ଠାରେ ନୂତନ ବିଶ୍ୱାସୀମାନଙ୍କୁ ସ୍ଥାପନ କରିବେ । ସେ ଅନେକ ନଗରମାନଙ୍କରେ ମଣ୍ଡଳୀମାନ ସ୍ଥାପନ କଲେ ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ମଣ୍ଡଳୀମାନଙ୍କରେ ତାହାଙ୍କର ଆବଶ୍ୟକତା ଯୋଗାଉଅଛନ୍ତି, କିଏ ପାଉଲ ପରି ମିଶନାରୀ ଏବଂ ପ୍ରେରିତଙ୍କର ଅଭାବ ପୂରଣ କରିବ ? ______________________________

- ଅନ୍ୟମାନଙ୍କୁ ଦାନ ଦେବା ଦ୍ୱାରା ଈଶ୍ୱରଙ୍କୁ ଦେଇଥାଉ, ତହିଁରେ ବିଶେଷ ବିଚାର କରିବା ।
- ସ୍ଥାନୀୟ ମଣ୍ଡଳୀର ଆବଶ୍ୟକତା ନିମନ୍ତେ ଦାନ କରିବା ।

- ଦରିଦ୍ରମଣ୍ଡଳୀ ନିମନ୍ତେ ଦାନ କରିବା ।
- ମଣ୍ଡଳୀ ନେତାମାନଙ୍କର ଆବଶ୍ୟକତା ନିମନ୍ତେ, ପ୍ରେରିତ ଏବଂ ମିଶନ କାର୍ଯ୍ୟ କରିବା ନିମନ୍ତେ ।
- ବିଧବା ଓ ଅନାଥମାନଙ୍କ ପାଇଁ ସାହାଯ୍ୟ ନିମନ୍ତେ ଆପଣ ଯେତେବେଳେ ନୂତନ ନିୟମରେ ଅଧ୍ୟୟନ କରୁଛନ୍ତି ।

ଈଶ୍ୱରଙ୍କୁ ସନ୍ତୁଷ୍ଟ କଲାପରି ଉଦାହରଣଗୁଡିକ ଦେଖନ୍ତି । ଈଶ୍ୱର ଆପେ ଆମ୍ଭମାନଙ୍କୁ ଅନୁଗ୍ରହ କରନ୍ତି ଯେପରି ଆମ୍ଭେମାନେ ଅନ୍ୟର ଆବଶ୍ୟକତା ପାଇଁ ଦାନ ଦେଇପାରିବା ଏବଂ ସେ ନିଜେ ଆମ୍ଭମାନଙ୍କର ଆବଶ୍ୟକତା ଯୋଗାଇଥାନ୍ତି ।

ନୂତନ ନିୟମରେ ଦାନ ଦେବା ବିଷୟରେ ବର୍ଣ୍ଣନା କରାଯାଇ ନାହିଁ କେବଳ ପୁରାତନ ନିୟମ ପରି ଦଶମାଂଶ ବିଷୟ କୁହାଯାଇଛି । ଅଧିକାଂଶ ଖ୍ରୀଷ୍ଟିୟାନ ବିଶ୍ୱାସୀମାନେ ବିଶ୍ୱାସ କରନ୍ତି, ଯେ ଏକ ଦଶ ଅଂଶ ଦାନ କରିବା ମାନଦଣ୍ଡ ଉତ୍ତମ ଲକ୍ଷ୍ୟ ଅଟେ । କିନ୍ତୁ ଯଦି କାହାରି କାହାରି ପ୍ରଚୁର ଥାଏ, ପବିତ୍ର ଆତ୍ମା ଯେପରି ପ୍ରେରଣା ଦିଅନ୍ତି । ସେମାନେ ତହିଁରୁ ଅଧିକ ଦେଇପାରିବେ ।

**ବାଇବଲ କୁହେ ଯେ ୧ମ କରନ୍ଥିୟ ୬ : ୧୯-୨୦** ଅବା ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କ'ଣ ଜାଣ ନାହିଁ ? ଆଉ ତୁମ୍ଭେମାନେ ନିଜେ ନିଜର ନୁହଁ, କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।

**୧ମ କରନ୍ଥୀୟ-୩ : ୧୬-୧୭** ତୁମ୍ଭେମାନେ କି ଜାଣ ନାହିଁ ଯେ, ତୁମ୍ଭେମାନେ ଈଶ୍ୱରଙ୍କ ମନ୍ଦିର ଆଉ ଈଶ୍ୱରଙ୍କ ଆତ୍ମା ତୁମ୍ଭମାନଙ୍କ ଅନ୍ତରରେ ବାସ କରନ୍ତି; ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ ତେବେ ଈଶ୍ୱର ତା'କୁ ନଷ୍ଟ କରିବେ, କାରଣ ଈଶ୍ୱରଙ୍କ ମନ୍ଦିର ପବିତ୍ର । ସେହି ମନ୍ଦିର ତୁମ୍ଭେମାନେ ।

ଆମ୍ଭମାନଙ୍କ ପାଖରେ ଯାହାକିଛି ଅଛି ସେହି ସବୁ ଈଶ୍ୱରଙ୍କ ବୋଲି ଆମ୍ଭମାନଙ୍କର ବ୍ୟବହାର ହେବା ଉଚିତ୍ । କାରଣ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ କିଣାଯାଇଅଛୁ । ଅତଏବ ହୃଦୟରେ ଏହି ଗୁଣ ସହିତ ପ୍ରାର୍ଥନାରେ ଈଶ୍ୱରଙ୍କୁ ଅନ୍ୱେଷଣ କରିବା । ଆମ୍ଭମାନଙ୍କ ଦତ୍ତ ଧନର କେତେ ପରିମାଣ ଆମ ପାଇଁ ରଖିବା ଏବଂ ଅନ୍ୟମାନଙ୍କୁ ଦେବା ପାଇଁ ଇଚ୍ଛା କରନ୍ତି । ଆମ୍ଭେମାନେ ମଧ୍ୟ ଆପଣା ଆପଣା ଶରୀରର ଉତ୍ତମ ଭଣ୍ଡାର ଘରୀଆ ହେବା ନିମନ୍ତେ ତାହାଙ୍କର ମାର୍ଗଦର୍ଶନ ଇଚ୍ଛା କରିବା ଆମ୍ଭମାନଙ୍କ ଶରୀର ଯତ୍ନ ନେବା ଉଚିତ୍ ଯେଉଁଥିରେ ଈଶ୍ୱରଙ୍କୁ ଅନ୍ୟମାନଙ୍କୁ ଶକ୍ତି ଓ ଧୈର୍ଯ୍ୟ ସହିତ ସେବା କରିବାକୁ ଦିଆଯିବ । ଏହି ସମସ୍ତ ବିଷୟରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନାରେ ତାହାଙ୍କୁ ନିମନ୍ତ୍ରଣ କରନ୍ତୁ ।

- ତୁମେ କ'ଣ ଖାଅ ଏବଂ କେତେ ଖାଅ ?
- କ'ଣ ପିନ୍ଧି ଥାଅ ?
- କେତେ ବେଶୀ ଶୋଇଥାଅ, କେତେ ବ୍ୟାୟାମ କରିଥାଅ ?
- କୌଣସି ନିଶାଦ୍ରବ୍ୟ ଗ୍ରହଣ ନ କରିବା ଯେଉଁଥିରେ ଶରୀର କ୍ଷତି ହୋଇଥାଏ ।

ଆମ୍ଭେମାନେ ଯେପରି ପ୍ରଭୁ ଯୀଶୁଙ୍କ ପ୍ରତି ଜ୍ଞାନ ବୃଦ୍ଧି ଏବଂ ପ୍ରେମରେ ବୃଦ୍ଧି ଲାଭ କରିପାରୁ । ଆମ୍ଭମାନଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ତାହାଙ୍କ ପ୍ରଭୁତ୍ୱ ସ୍ପଷ୍ଟ ଭାବରେ ଜାଣିବାକୁ ଓ ଅନୁଭବ କରିବାକୁ ଇଚ୍ଛା କରିବା ।

# ପାଠ-୭

# ମାଣ୍ଡଳିକ ଜୀବନର ପବିତ୍ର ବିଧି (SACRAMENTS OF CHURCH LIFE)

## ଭାଗ-୧ : ବାପ୍ତିସ୍ମ (Baptism)

**ପ୍ରଶ୍ନ-୧, ମାଥିଉ ୩ : ୧, ୨, ୬ ପଢନ୍ତୁ**

ସେହି କାଳରେ ବାପ୍ତିଜକ ଯୋହନ ଉପସ୍ଥିତ ହୋଇ ଯିହୁଦା ପ୍ରଦେଶର ପ୍ରାନ୍ତରରେ ଘୋଷଣା କରି କହିବାକୁ ଲାଗିଲେ, ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ । ଆଉ ଆପଣା ଆପଣା ପାପ ସ୍ୱୀକାର କରି ତାଙ୍କ ଦ୍ୱାରା ଯର୍ଦ୍ଦନ ନଦୀରେ ବାପ୍ତିଜିତ ହେଲେ ।

ବାପ୍ତିଜକ ଯୋହନ ଲୋକମାନଙ୍କୁ ପାପ କ୍ଷମା ନିମନ୍ତେ ମନ ଫେରଣର ବାପ୍ତିସ୍ମ ଦେଉଥିଲେ । ପାପ ନିମନ୍ତେ ମନ ପରିବର୍ତ୍ତନ କରିବା ଅର୍ଥ କ'ଣ ?

________________________________________

________________________________________

**ପ୍ରଶ୍ନ-୨, ମାଥିଉ ୩ : ୧୩-୧୭ ପଢନ୍ତୁ**

ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ, କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟା କରି କହିଲେ, ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ, ଆଉ ଆପଣ ମୋ ନିକଟକୁ ଆସୁଅଛନ୍ତି ?

''ମାତ୍ର ଯୀଶୁ ତାଙ୍କୁ ଉତ୍ତର ଦେଲେ, ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମ କର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ । ସେଥିରେ ସେ ତାଙ୍କ କଥାରେ ସମ୍ମତ ହେଲେ ।''

''ଯୀଶୁ ବାପ୍ତିଜିତ ହେଲା କ୍ଷଣ ଜଳରୁ ଉଠିଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ।''

ବାଇବଲ କହେ ଯେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ____________________ ନ ଥିଲା, ତେଣୁ ପାପ ନିମନ୍ତେ ମନ ଫେରଣ ଆବଶ୍ୟକତା ନ ଥିଲା କେଉଁ କାରଣ ସକାଶୁ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ଆବଶ୍ୟକ ଥିଲା ?

________________________________________

**ପ୍ରଶ୍ନ-୩, ମାଥିଉ ୨୮ : ୧୯-୨୦ ପଢନ୍ତୁ**

ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହି ସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।

ଯୀଶୁ ଆଜ୍ଞା ଦେଇଛନ୍ତି ଯେ ଆମ୍ଭେମାନେ ଯାଇ ସମସ୍ତ ଜାତିର ଲୋକମାନଙ୍କୁ ଶିଷ୍ୟ କରିବା ଆମ୍ଭେମାନେ ତାହାଙ୍କୁ ______________________ ଦେବା ଉଚିତ୍ ଏବଂ ଯୀଶୁଙ୍କର ଶିକ୍ଷା ସମୂହ ______________________ କରିବାକୁ ଶିଖାଇବା ।

**ପ୍ରଶ୍ନ-୪, ପ୍ରେରିତ ୨ : ୩୮, ୪୧ ପଢନ୍ତୁ**

ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । ସେଥିରେ ଯେଉଁମାନେ ତାଙ୍କର ବାକ୍ୟ ଗ୍ରହଣ କଲେ ସେମାନେ ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।

ଯେପରି ପିତର ଅନ୍ୟମାନଙ୍କଠାରେ ପ୍ରଚାର କଲେ ଏବଂ ବିଶ୍ୱାସ କରିବା ନିମନ୍ତେ ସାହାଯ୍ୟ କଲେ ______________ କାର୍ଯ୍ୟ ଶିଘ୍ର ହେଲା । ଲୋକମାନେ ଯୀଶୁଖ୍ରୀଷ୍ଟଙ୍କୁ ବିଶ୍ୱାସ କରି ପାପରୁ ମନ ଫେରଣ କରି ତାହାଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ବୋଲି ଗ୍ରହଣ କରନ୍ତି । ତହିଁରେ ପାପରୁ ______________________ ଏବଂ ______________________ ଙ୍କର ଦାନ ପାଆନ୍ତି ।

**ପ୍ରଶ୍ନ-୫, ରୋମୀୟ ୬ : ୩-୪ ପଢନ୍ତୁ**

"ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ; ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।"

ପ୍ରାର୍ଥନା ସହିତ ତୁମ ଜୀବନର ବାପ୍ତିସ୍ମର ଅର୍ଥ ବିଚାର କର । ନିଜେ ବାପ୍ତିସ୍ମ ସମ୍ବନ୍ଧରେ କିଛି ପଦ ଲେଖ । କିମ୍ବା ଯଦି ତୁମେ ବାପ୍ତିଜିତ ହୋଇନାହଁ ପ୍ରଭୁ ତୁମ ପ୍ରତି କ'ଣ କରନ୍ତୁ ବୋଲି ପ୍ରାର୍ଥନା କର ନିଜ ବ୍ୟକ୍ତିଗତ ଅନୁଭବ ଲେଖ ।

______________________________________________

______________________________________________

______________________________________________

ସାରାଂଶରେ, ଆମ୍ଭମାନଙ୍କର ବାପ୍ତିସ୍ମ ପ୍ରଭୁ ଯୀଶୁଙ୍କର କ୍ରୁଶୀୟ ମୃତ୍ୟୁ ଓ ପୁନଃରୁତ୍ଥାନକୁ ବିଶ୍ୱାସ କରିବା ଏବଂ ସତ୍ୟକୁ ଗ୍ରହଣ କରିବାର ବାହ୍ୟିକ ଚିହ୍ନ ଅଟେ ।

ଆମ୍ଭେମାନେ ଉଦ୍ଧାର ପ୍ରାପ୍ତ ହେବା ନିମନ୍ତେ ବାପ୍ତିଜିତ ହୋଇ ନ ଥାଉ । କିନ୍ତୁ ବିଶ୍ୱାସ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କଠାରୁ ପରିତ୍ରାଣ ପାଇଲା ପରେ ଖ୍ରୀଷ୍ଟଙ୍କଠାରେ ଥିବା ବିଶ୍ୱାସର ବାହ୍ୟିକ ଥିବା ଚିହ୍ନ ସ୍ୱରୂପ ଅଟେ । ଖ୍ରୀଷ୍ଟ ଯେପରି ବାପ୍ତିସ୍ମରେ ଆଦର୍ଶ ଦେଖାଇ ଅଛନ୍ତି । ତାହାଙ୍କ ଆଜ୍ଞାର ପାଳନରେ ଆମ୍ଭେମାନେ ବାପ୍ତିଜିତ ହୋଇଥାଉଁ ।

ବାଇବଲ ବର୍ଣ୍ଣିତ, ଜଳ ମଧ୍ୟରେ ବୁଡିବା ହେବା ପ୍ରଣାଳୀକୁ "ଜଳଦିକ୍ଷା ବା ବାପ୍ତିସ୍ମ" କୁହାଯାଏ । ନୂତନ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦେବା ନିମନ୍ତେ କୌଣସି ବିଶେଷ ତାଲିମ ନେବାର ଆବଶ୍ୟକ ନାହିଁ ଯେଉଁ ବ୍ୟକ୍ତି ବାପ୍ତିସ୍ମ ଦେଇଥାଆନ୍ତି ସେ ନିଶ୍ଚିତ ଭାବରେ ଜଣେ ସତ୍ୟ ବିଶ୍ୱାସୀ ଏବଂ ଯୀଶୁଖ୍ରୀଷ୍ଟର ଶିଷ୍ୟ ହୋଇଥିବା ଉଚିତ୍ ।

# ପାଠ-୭

## ମାଣ୍ଡଳିକ ଜୀବନର ପବିତ୍ର ବିଧି (Sacraments of Church Life)

**ଭାଗ-୨ : ପ୍ରଭୁ ଭୋଜ (Communion)**

**ଲୁକ ୨୨:୧୯-୨୦ ପଢନ୍ତୁ**

''ପୁଣି, ସେ ରୋଟୀ ଘେନି ଧନ୍ୟବାଦ ଦେଲେ ଓ ତାହା ଭାଙ୍ଗି ସେମାନଙ୍କୁ ଦେଇ କହିଲେ, ତୁମ୍ଭମାନଙ୍କ ନିମନ୍ତେ ଦତ୍ତ ହେଉଥିବା ମୋହର ଶରୀର ଏହି, ମୋତେ ସ୍ମରଣ କରିବା ନିମନ୍ତେ ଏହା କର । ଭୋଜନ ଉତ୍ତାରେ ସେହିପରି ସେ ପାନପାତ୍ର ଘେନି କହିଲେ, ଏହି ପାନ ପାତ୍ର ତୁମ୍ଭମାନଙ୍କ ନିମନ୍ତେ ପାତିତ ହେଉଥିବା ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ ।''

ପୁରାତନ ନିୟମରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜୀବନ ପୂର୍ବରୁ ପାପ କ୍ଷମା ନିମନ୍ତେ ଈଶ୍ୱରଙ୍କ ନିମନ୍ତେ ପଶୁ ବଳି ଦେବାର ପ୍ରାଚିନ ଚୁକ୍ତି ଥିଲା ।

ନୂତନ ଚୁକ୍ତି ନାମାରେ ସବୁ ସମୟର ସମସ୍ତ ଲୋକମାନଙ୍କର ପାପ ନିମନ୍ତେ ଈଶ୍ୱରଙ୍କର ପାପଶୂନ୍ୟ ମେଷ ଶାବକ ହୋଇ କ୍ରୁଶ ଉପରେ ଏକାଥରକେ ବଳିକୃତ ହେଲେ ।

**ପ୍ରଶ୍ନ-୧, ଯୋହନ ୧:୨୯-୩୧ ପଢନ୍ତୁ**

''ତହିଁ ଆରଦିନ ସେ ଯୀଶୁଙ୍କୁ ନିଜ ପାଖକୁ ଆସୁଥିବା ଦେଖି କହିଲେ - ଏହି ଦେଖ, ଈଶ୍ୱରଙ୍କ ମେଷ ଶାବକ, ଯେ ଜଗତର ପାପ ବହିନେଇ ଯାଆନ୍ତି । ମୋ ଉତ୍ତାରେ ଯେ ଆସୁଅଛନ୍ତି, ସେ ମୋହର ଅଗ୍ରଗଣ୍ୟ ହୋଇଅଛନ୍ତି, କାରଣ ସେ ମୋର ପୂର୍ବରେ ଥିଲେ, ଯାହାଙ୍କ ବିଷୟରେ ମୁଁ ଏହା କହିଥିଲି, ସେ ଏହି । ମୁଁ ମଧ୍ୟ ତାଙ୍କୁ ଚିହ୍ନି ନ ଥିଲି, କିନ୍ତୁ ସେ ଯେପରି ଇସ୍ରାଏଲ ନିକଟରେ ପ୍ରକାଶିତ ହୁଅନ୍ତି, ଏଥି ସକାଶେ ମୁଁ ଜଳରେ ବାପ୍ତିସ୍ମ ଦେବାକୁ ଆସିଅଛି ।''

ଯୋହନ ଯୀଶୁଙ୍କୁ ଈଶ୍ୱରଙ୍କର ______________________ ବୋଲି ଘୋଷଣା କରିଥିଲେ ଯେକି ପାପର ଦଣ୍ଡ ଏବଂ ପାପର ଗୁଣରୁ ଜଗତ ବାସୀଙ୍କୁ ଉଦ୍ଧାର କରିପାରନ୍ତି ।

**ପ୍ରଶ୍ନ-୨, ମାଥିଉ ୨୬:୨୬-୨୮ ପଢନ୍ତୁ**

''ଆଉ, ସେମାନେ ଭୋଜନ କରୁଥିବା ସମୟରେ ଯୀଶୁ ରୋଟୀ ଘେନି ଆଶୀର୍ବାଦ କଲେ ଓ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, ନିଅ, ଭୋଜନ କର, ଏହା ମୋହର ଶରୀର, ପୁଣି, ସେ ପାନପାତ୍ର ଘେନି ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ, ଏଥିରୁ ସମସ୍ତେ ପାନକର, କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି । ଏ ମୋହର ସେହି ରକ୍ତ ।''

ଆମ୍ଭେମାନେ ଏହି ରୋଟୀ ଓ ଦ୍ରାକ୍ଷାରସ ଭୋଜନକୁ ''ପବିତ୍ର ଭୋଜନ ବା ଶେଷ ଭୋଜ'' ବୋଲି କହନ୍ତି ।

ଆମ୍ଭେମାନେ ବିଶ୍ୱାସୀ ଭାବେ ଦଳଗତ ଭାବରେ ଏକତ୍ରୀତ ହେଲେ ପ୍ରଭୁ ଭୋଜରେ କାହିଁକି ଅଂଶଗ୍ରହଣ କରିବା ?

______________________________________________

______________________________________________

**ପ୍ରଶ୍ନ-୩, ୧ମ କରିନ୍ଥୀୟ ୧୧:୨୩-୨୬ ପଢନ୍ତୁ**

କାରଣ ମୁଁ ପ୍ରଭୁଙ୍କଠାରୁ ପ୍ରାପ୍ତ ଯେଉଁ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଅଛି, ତାହା ଏହି, ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରିରେ ପ୍ରଭୁ ଯୀଶୁ ରୋଟୀ ଘେନି ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର । ସେହିପରି ଭୋଜନ ଉତ୍ତାରେ ସେ ପାନପାତ୍ର ମଧ୍ୟ ଘେନି କହିଲେ, ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ, ତୁମ୍ଭେମାନେ ଯେତେଥର ଏଥିରୁ ପାନକର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର, କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର ଓ ଏହି ପାନ ପାତ୍ରରୁ ପାନକର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛ ।

ପାଉଲ କରନ୍ଥୀର ଆଦ୍ୟ ମଣ୍ଡଳୀକୁ ଲେଖନ୍ତି ଯେ ପ୍ରଭୁ ଯୀଶୁଙ୍କ ଦ୍ୱାରା ଦିଆଯାଇଥିବା ପ୍ରଭୁ ଭୋଜକୁ ସ୍ମରଣ କରି ପାଳନ କରିବା । ୨୬ ପଦ ଅନୁସାରେ ଆମ୍ଭେମାନେ କେତେ ସମୟ ବା କେତେ ଦିନ ପ୍ରଭୁ ଭୋଜ ପାଳନ କରୁଥିବା ?

______________________________________________

**ପ୍ରଶ୍ନ-୪, ୧ମ କରିନ୍ଥୀୟ ୧୧:୨୭-୨୯ ପଢନ୍ତୁ**

''ଅତଏବ, ଯେ କେହି ଅଯୋଗ୍ୟ ଭାବରେ ପ୍ରଭୁଙ୍କର ଏହି ରୋଟୀ ଭୋଜନ କରେ କିମ୍ବା ସେହି ପାତ୍ରରୁ ପାନ କରେ ସେ ପ୍ରଭୁଙ୍କର ଶରୀରର ଓ ରକ୍ତର ଦାୟୀ ହେବ । କିନ୍ତୁ ମନୁଷ୍ୟ ଆପଣାକୁ ପରୀକ୍ଷାକରୁ ଆଉ ସେହିପରି ଭାବେ ଏହି ରୋଟୀ ଭୋଜନକରୁ ଓ ଏହି ପାତ୍ରରୁ ପାନ କରୁ, କାରଣ ଯେ ପ୍ରଭୁଙ୍କର ଶରୀରକୁ ବିଶେଷ ନ ମଣି ଭୋଜନ କରେ ଓ ପାନ କରେ, ସେ ଆପଣା ଦଣ୍ଡ ନିମନ୍ତେ ଭୋଜନ କରେ ଓ ପାନକରେ ।

ବାଇବଲ କୁହେ ଯେ ଜଣେ ବ୍ୟକ୍ତି ପ୍ରଭୁ ଭୋଜ ଗ୍ରହଣ କରିବାକୁ ପ୍ରସ୍ତୁତ ହେଲା ସମୟରେ ନିଜକୁ ପ୍ରଥମେ ପରୀକ୍ଷା କରୁ ଏହି ପରୀକ୍ଷାରେ କ'ଣ କ'ଣ ବିଷୟ ଅନ୍ତର୍ଭୁକ୍ତ ବୋଲି ଚିନ୍ତା କରନ୍ତୁ ?

______________________________________________

______________________________________________

______________________________________________

______________________________________________

ନିମ୍ନଲିଖିତ ପାଞ୍ଚଟି ବିଷୟ ଆପଣଙ୍କ ଜୀବନରେ ଉତ୍ତମ ଅବସ୍ଥାରେ ଅଛି କି ନାହିଁ ପରୀକ୍ଷା କରନ୍ତୁ ଯେଉଁଥିରେ ଈଶ୍ୱର ତୁମ ପ୍ରତି ଚିନ୍ତା କରନ୍ତି, ଯେପରି ତୁମେ ତାଙ୍କ ଭୋଜରେ ଅଂଶଗ୍ରହଣ କର ।

________________ ତୁମ ପିନ୍ଧୁଥିବା ବସ୍ତ୍ର ଏବଂ ମୁଣ୍ଡବାଳର ଦୃଶ୍ୟ ।

________________ ତୁମେ ଆପଣା ପ୍ରତିବାସୀ ପ୍ରତି ଯେ ରୂପ ବ୍ୟବହାର କରିଅଛ ।

________________ ତୁମେ ଆପଣା ସ୍ୱାମି, ସ୍ତ୍ରୀ କିମ୍ବା ପରିବାର ପ୍ରତି ଯେଉଁ ଭାବେ କହିଅଛ ।

________________ ଯେଉଁ ରାଜନୀତି ଦଳରେ ଜଡ଼ିତ ।

________________ ତୁମେ ଯେଉଁଠାରେ ବାସ କରିଅଛ ।

________________ ଯଦି କାହାକୁ ମିଛ କହିଅଛ ବା ଠକି ଅଛ ।

________________ ଆପଣା ପିତାମାତା ଏବଂ ବୟୋଜ୍ୟେଷ୍ଠମାନଙ୍କ ପ୍ରତି ବ୍ୟବହାର କରିଅଛ

________________ ତୁମେ କି ପ୍ରକାର ଚାକିରୀ (କାର୍ଯ୍ୟ) କରୁଅଛ ।

________________ ଯେକୌଣସି ପ୍ରକାରେ ଈଶ୍ୱରଙ୍କୁ ଅସନ୍ତୁଷ୍ଟ କରିଅଛ ।

**ପ୍ରଶ୍ନ-୫, ଗୀତସଂହିତା ୧୩୯:୨୩-୨୪ ପଦରୁ**

ହେ ପରମେଶ୍ୱର, ମୋହର ଅନୁସନ୍ଧାନ କର ଓ ମୋ ଅନ୍ତଃକରଣର ପରିଚୟ ନିଅ । ମୋତେ ପରୀକ୍ଷା କର ଓ ମୋହର ସଙ୍କଳ୍ପ ସବୁ ଜ୍ଞାତ ହୁଅ; ଆଉ, ମୋ ଅନ୍ତରରେ ଦୁଷ୍ଟତାର କୌଣସି ମାର୍ଗ ଅଛି କି ନାହିଁ, ଏହା ଦେଖ, ପୁଣି ଅନନ୍ତ ପଥରେ ମୋତେ ଗମନ କରାଅ ।

**ଗୀତସଂହିତା ୫୧:୧-୨**

ହେ ପରମେଶ୍ୱର, ଆପଣା ସ୍ନେହପୂର୍ଣ୍ଣ କରୁଣାନୁସାରେ ମୋ ପ୍ରତି ଦୟାକର, ତୁମ୍ଭ କୃପାର ବାହୁଲ୍ୟ ଅନୁସାରେ ମୋହର ଅଧର୍ମ ମାର୍ଜନା କର, ମୋ' ଅପରାଧରୁ ମୋତେ ସମ୍ପୂର୍ଣ୍ଣ ପ୍ରକ୍ଷାଳନ କର ଓ ମୋ ପାପରୁ ମୋତେ ଶୁଚିକର ।

ମନୁଷ୍ୟ ଆପଣାଙ୍କୁ ପରୀକ୍ଷା କରିବାକୁ ଅଂଶ ହେଲା ? ________________

________________________________

________________________________

**ପ୍ରଶ୍ନ-୬, ୧ମ କରିନ୍ଥୀୟ ୧୧:୨୯**

କାରଣ ଯେ ପ୍ରଭୁଙ୍କ ଶରୀରକୁ ବିଶେଷ ନ ମଣି ଭୋଜନ କରେ ଓ ପାନକରେ, ସେ ଆପଣା ଦଣ୍ଡ ନିମନ୍ତେ ଭୋଜନକରେ ଓ ପାନ କରେ ।

**୧ମ କରନ୍ଥୀୟ ୧୨:୨୭** ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀର, ଆଉ ଏକ ଏକ ଜଣ ଏକ ଏକ ଅଙ୍ଗ ସ୍ୱରୂପ ।

ପ୍ରଭୁଙ୍କର ଶରୀରକୁ ଜାଣିବାର ଅର୍ଥ ଅନେକ ଗୁଡିକ ବିଷୟ ରହିଅଛି ତହିଁ ମଧ୍ୟରୁ କେତେକ ହେଲା -

୧. ରୋଟୀ ଏବଂ ଦ୍ରାକ୍ଷାରସ ବୁଝିବାର ଅର୍ଥ ହେଲା ଆମ୍ଭମାନଙ୍କର ପାପ ନିମନ୍ତେ ଖ୍ରୀଷ୍ଟଙ୍କର କୃଶୀୟ ମୃତ୍ୟୁର ନିଦର୍ଶନ ଅଟେ ।

୨. ସ୍ମରଣ କରିବା ଯେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବା ଦ୍ୱାରା ଜଗତ ସାରା ଥିବା ଖ୍ରୀଷ୍ଟ ବିଶ୍ୱାସୀ ଦଳର ଅଂଶ ଅଟୁ ଏବଂ ଖ୍ରୀଷ୍ଟଙ୍କ ଶରୀର ଅଟୁ ।

# ସୁସମାଚାର ବାର୍ତ୍ତାର ଆଠ ଗୋଟି ବିଷୟ

"ଯାଅ, ମନ୍ଦିର ମଧ୍ୟରେ ଠିଆହୋଇ ଲୋକମାନଙ୍କୁ ଏହି ଜୀବନ ସମ୍ବନ୍ଧିୟ ସମସ୍ତ କଥା କୁହ ।"

ପ୍ରେରିତ ୫:୨୦

ଈଶ୍ୱରଙ୍କ ବାକ୍ୟ ଅନୁସାରେ ଯଦି ଆମ୍ଭେ ଲୋକମାନଙ୍କୁ ଯୀଶୁ କିଏ ବୋଲି ଜଣାଇବା ନାହିଁ । ଆମ୍ଭେ ସେମାନଙ୍କୁ ନିଜସ୍ୱ ଚିନ୍ତାଧାରା, ଅନୁଭବ ଦ୍ୱାରା ଯୀଶୁ କିଏ ବୋଲି ଜାଣିବାକୁ ଛାଡି ଦେଇଥାଉ ।

**ମାଥିଉ ୧୬:୧୩-୧୫** ଯୀଶୁ ଆପଣା ଶିଷ୍ୟମାନଙ୍କୁ ପଚାରିଲେ "ମନୁଷ୍ୟ ପୁତ୍ର କିଏ ବୋଲି ଲୋକେ କ'ଣ କହନ୍ତି ଏବଂ ତତ୍‌ପରେ ସେ ଆପଣା ଶିଷ୍ୟମାନଙ୍କୁ ପଚାରିଲେ "ମୁଁ କିଏ ବୋଲି ତୁମେମାନେ କ'ଣ କହୁଅଛ ?" ଏହି ପ୍ରଶ୍ନ ଅଦ୍ୟାବଧି ଦୃଢ଼ ଭାବରେ ରହିଅଛି ସେ କିଏ ବୋଲି ଧର୍ମ ଶାସ୍ତ୍ର କ'ଣ କହେ । ସେ କିଏ ବୋଲି ଆପଣ କ'ଣ କହନ୍ତି ।

**୧ମ ବିଷୟ : ଯୀଶୁଖ୍ରୀଷ୍ଟ ହେଉଛନ୍ତି ଈଶ୍ୱର, ପବିତ୍ର ଆତ୍ମାଙ୍କର କର୍ତ୍ତୃତରେ ଗର୍ଭଧାରଣ କରି ଶରୀର ରୂପ ଧାରଣ କଲେ ।** ଯୋହନ-୧:୧, ୧୪, ୪:୨, କଲସୀୟ - ୧:୧୫, ୧୬, ୧୯, ଯିଶାଇୟ-୭:୧୪ ମାଥିଉ-୧:୨୦-୨୧

**୨ୟ ବିଷୟ : ଆମ୍ଭମାନଙ୍କର ପାପ ଏବଂ ପାପର ଗୁଣର ପ୍ରାୟଶ୍ଚିତ ନିମନ୍ତେ ପ୍ରାୟଶ୍ଚିତ ମୃତ୍ୟୁ ବରଣ କଲେ । ତତ୍‌ପରେ ମୃତ୍ୟୁ ଶରୀରରୁ ପୂର୍ଣ୍ଣ ଜୀବିତ ହେଲେ,** ଲୂକ-୨୪:୨୮, ଯୋହନ-୨୦:୨୭, ପ୍ରେରିତ - ୪:୩୩, ୧ମ କରନ୍ଥୀୟ - ୧୫:୩-୫, ଏଫିସୀସ-୧:୧୯:୨୦, ଗୀତ : ୧୬:୧୦ ।

**୩ୟ ବିଷୟ : ପ୍ରଭୁଯୀଶୁ ସ୍ୱର୍ଗରୁ ଏ ପୃଥିବୀକୁ ଶାସନ କରିବା ନିମନ୍ତେ ପ୍ରତ୍ୟାବର୍ତ୍ତନ କରିବେ ।** ମାଥିଉ-୨୪:୩୦, ପ୍ରେରିତ-୧:୧୧, ପ୍ରକାଶିତ : ୨୦ : ୪-୬, ୨୨ : ୭, । ତିମଥି - ୬ : ୧୩-୧୪ ।

**୪ର୍ଥ ବିଷୟ : ଈଶ୍ୱର ପବିତ୍ର ସମସ୍ତ ମଣିଷ ପାପୀ ଅଟନ୍ତି ଏବଂ ଈଶ୍ୱରଙ୍କ ପବିତ୍ରତାର ମାନଦଣ୍ଡରୁ ଉଣା ପଡିଅଛନ୍ତି ।** ପାପ ଆମ୍ଭମାନଙ୍କୁ ଈଶ୍ୱରଙ୍କଠାରୁ ପୃଥକ୍ କରିଥାଏ ଏବଂ ଈଶ୍ୱରଙ୍କ ପବିତ୍ରତାର ମାନଦଣ୍ଡରେ ପହଞ୍ଚିବାକୁ ଆମ୍ଭେମାନେ କୌଣସି ପ୍ରକାରେ ଉତ୍ତମ ହୋଇ ନ ପାରୁ, ରୋମୀୟ - ୩:୧୦, ଗୀତ-୧୪:୧-୩, ୫୩:୧-୩, ଉପଦେଶକ-୭:୨୦, ରୋମୀୟ-୩:୨୩, ଯୋହନ-୧:୮, ୧୦ ଏବ୍ରୀ : ୧୨:୧୪, ଗୀତ - ୬୬:୧୮

**୫ମ ବିଷୟ : ପବିତ୍ର ଈଶ୍ୱରଙ୍କ ସହିତ ପୁନର୍ମିଳିତ ହେବା ନିମନ୍ତେ ଖ୍ରୀଷ୍ଟଙ୍କ କ୍ରୁଶୀୟ ପ୍ରାୟଶ୍ଚିତ ମୃତ୍ୟୁ ଓ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନରେ ବିଶ୍ୱାସ କରିବା ହିଁ ପାପୀ ମନୁଷ୍ୟ ନିମନ୍ତେ ଏକମାତ୍ର ପଥ ଅଟେ ।** ଯୋହନ-୧୦:୯-୧୧, ୧୪:୬, ପ୍ରେରିତ-୪ : ୧୨, ଏବ୍ରୀ-୨:୨୭ ।

**୬ଷ ବିଷୟ : ଈଶ୍ୱରଙ୍କ ସହିତ ପୁନର୍ମିଳିତ ହେବା ନିମନ୍ତେ ଯୀଶୁ ହିଁ ଏକମାତ୍ର ପଥ ଅଟନ୍ତି ଏହା ଯଦି ଆମ୍ଭେମାନେ ଗ୍ରହଣ ନ କରୁ ବିଚାରରୁ ସମ୍ମୁଖୀନ ଅଟୁ ।** ନ୍ୟାୟ ବିଚାର ହେଲା ଈଶ୍ୱରଙ୍କଠାରୁ ଅନନ୍ତ କାଳ ତାହାଙ୍କ ଠାରୁ ପୃଥକ୍ ରହିବା । ମାର୍କ-୧୬:୧୬, ଯୋହନ-୫:୨୨-୨୪, ପ୍ରେରିତ-୧୦:୪୨-୪୩, ପ୍ରେରିତ-୧୭:୩୧ ।

**୭ମ ବିଷୟ : ଆମ୍ଭେମାନେ ପାପ ଏବଂ ଅଧାର୍ମିକତା ପଥରୁ ଫେରିବା ନିମନ୍ତେ ଇଚ୍ଛା କରିବା** (ମନଫେରଣ) ଯେଉଁମାନେ ଆପଣା ପାପ ପାଇଁ ଅନୁତାପ କରି ପ୍ରଭୁ ଯୀଶୁଙ୍କୁ ବିଶ୍ୱାସ କରି ଗ୍ରହଣ କରନ୍ତି ସେମାନଙ୍କୁ ପବିତ୍ର ଆତ୍ମା ଦିଅନ୍ତି ଏବଂ ପାପରୁ ଫେରି ପବିତ୍ରତାର ଜୀବନ କାଟିବା ପାଇଁ ସାହାଯ୍ୟ କରନ୍ତି । ପ୍ରେରିତ-୧୭:୩୦, ୩:୧୯ ଲୂକ-୨୪:୪୬-୪୭, ୧ମ ଯୋହନ ୧:୯ ଫିଲିପୀୟ-୨:୧୩ ।

**୮ମ ବିଷୟ : ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ପ୍ରଭୁ ଯୀଶୁଙ୍କ ଦେଇ ଈଶ୍ୱରଙ୍କର ପରିତ୍ରାଣର ଦାନ ଏବଂ ଅନନ୍ତ ଜୀବନ ପାଇପାରିବା** ଏବଂ ଆମ୍ଭମାନଙ୍କ ଜୀବନରେ ତାହାଙ୍କର ପ୍ରଭୁତ୍ୱ ସ୍ୱୀକାର କରିପାରିବା । ଯୋହନ - ୧:୧୨, ରୋମୀୟ-୧୦:୯-୧୦ ଏଫିସୀୟ-୨:୮-୯ ଯୋହନ : ୫:୨୧ ।

❑ ❑ ❑